୬ ସାଉଥ୍ ଜୋନ୍‌କୁ ହରାଇ ଦୁଲୀପ ଟ୍ରଫି ଚାମ୍ପିଅନ୍ ହେଲା ଇଷ୍ଟ୍ ଜୋନ୍



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
ବର୍ଷ–୩୩ ● ସଂଖ୍ୟା–୨୨୨ ● ୧୧ ସେପ୍ଟେମ୍ବର ୨୦୨୬ ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-222 ● 11th September 2026, Friday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ୟୁଏଇ ସହ ନିବେଶ ଭାଗିଦାରୀ ମଜଭୁତ କଲା ଓଡ଼ିଶା

# ଆସିଲା ୮,୪୧୭ କୋଟି ଟଙ୍କାର ନିବେଶ ପ୍ରସ୍ତାବ

**ଦୁବାଇ/ଭୁବନେଶ୍ୱର,୧୦।୯**
**ନ୍ୟୁଜ୍‌ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ୟୁଏଇ ଗସ୍ତର ଦ୍ୱିତୀୟ ଦିନରେ ଦୁବାଇରେ ୟୁଏଇ ନେତୃତ୍ୱ, ବିଶ୍ୱସ୍ତରୀୟ ନିବେଶକ, ଶିଳ୍ପ ପ୍ରତିନିଧି ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ଗୁଡ଼ିକ ସହିତ ଏକାଧିକ ଉଚ୍ଚସ୍ତରୀୟ ବୈଠକ ମାଧ୍ୟମରେ ଓଡ଼ିଶା ଏହାର ନିବେଶ ସମ୍ପର୍କକୁ ଆହୁରି ମଜଭୁତ କରିଛି। ଦ୍ୱିତୀୟ ଦିନରେ ୫ଟି ଏମଓୟୁ ଏବଂ ୮ଟି ନିବେଶ ଇଚ୍ଛାପତ୍ର ସ୍ୱାକ୍ଷରିତ ହୋଇଛି, ଯାହା ମିଳିତ ଭାବରେ ୮,୪୧୭ କୋଟି ଟଙ୍କାର ନିବେଶ ସମ୍ଭାବନା ଏବଂ ୧୪,୩୧୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର କ୍ଷମତା ରଖିଛି। ଏହି ନିବେଶଗୁଡ଼ିକ ମଧ୍ୟରେ ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ଆଇଟି-ସକ୍ଷମ ସେବା, ରିଅଲ୍ ଏଷ୍ଟେଟ୍, ଲଜିଷ୍ଟିକ୍ସ, ଖାଦ୍ୟ ପ୍ରକ୍ରିୟାକରଣ, କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ, ଷ୍ଟିଲ ଏବଂ ଷ୍ଟିଲ ଡାଉନଷ୍ଟ୍ରିମ୍, ରେୟାର ଆର୍ଥସ୍, କେମିକାଲ୍ସ, ଆଲୁମିନିୟମ୍ ଏବଂ ସର୍କୁଲାର ଇକୋନୋମି ଭଳି ବିଭିନ୍ନ କ୍ଷେତ୍ର ରହିଛି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏବଂ ୟୁଏଇର କ୍ୟାବିନେଟ୍ ସଦସ୍ୟ ତଥା ଅର୍ଥନୀତି ଓ





### ୫ଟି ଏମଓୟୁ ଏବଂ ୮ଟି ନିବେଶ ପ୍ରସ୍ତାବ, ୧୪,୩୧୦ ନିଯୁକ୍ତି ସୁଯୋଗ ସୃଷ୍ଟି ସମ୍ଭାବନା

ପର୍ଯ୍ୟଟନ ମନ୍ତ୍ରୀ ଏବଂ ଅନ୍ତର୍ଜାତୀୟ ନିବେଶ ପରିଷଦର ଅଧ୍ୟକ୍ଷ ଅବ୍‌ଦୁଲ୍ଲା ବିନ୍ ତୌକ୍ ଅଲ୍ ମାର୍ରିଙ୍କ ମଧ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା। ଓଡ଼ିଶା ଏବଂ ୟୁଏଇ ମଧ୍ୟରେ ଆର୍ଥିକ ଏବଂ ନିବେଶ ସହଯୋଗକୁ ମଜଭୁତ କରିବା ସହିତ ଓଡ଼ିଶାରେ ୟୁଏଇ-ଭିତ୍ତିକ ନିବେଶକ ଏବଂ ବ୍ୟବସାୟୀଙ୍କ ପାଇଁ ନୂତନ ସୁଯୋଗ ଅନ୍ୱେଷଣ କରିବା ନେଇ ଏଥିରେ ଆଲୋଚନା ହୋଇଥିଲା।

ମୁଖ୍ୟମନ୍ତ୍ରୀ ଓଡ଼ିଶାର ବର୍ଦ୍ଧିତ ଶିଳ୍ପ ସମ୍ଭାବନା, ଷ୍ଟ୍ରାଟେଜିକ ଲୋକେସନ୍, ଦୃଢ଼ ଭିତ୍ତିଭୂମି, ପ୍ରାକୃତିକ ସମ୍ପଦର ଉପଲବ୍ଧତା, ଦକ୍ଷ ଜନଶକ୍ତି ଏବଂ ନିବେଶକ-ଅନୁକୂଳ ନୀତିଗତ ପରିବେଶ ଉପରେ ଆଲୋକପାତ କରିବା ସହ ୟୁଏଇର ନିବେଶକ ଏବଂ ବ୍ୟବସାୟୀ ନେତୃବୃନ୍ଦଙ୍କୁ ଦୀର୍ଘକାଳୀନ ନିବେଶ ଓ ଭାଗିଦାରୀ ପାଇଁ ଓଡ଼ିଶା ଆସିବାକୁ ଆମନ୍ତ୍ରଣ କରିଥିଲେ।

ମୁଖ୍ୟମନ୍ତ୍ରୀ ଦୁବାଇରେ ଅନୁଷ୍ଠିତ ଓଡ଼ିଶା ନିବେଶ ରୋଡ୍ ସୋ'ରେ ଯୋଗ ଦେଇଥିଲେ। ଏଥିରେ *(ପୃଷ୍ଠା ୭ରେ)*

# ବ୍ରିକ୍ସ୍ ଶିଖର ସମ୍ମିଳନୀ : ଯୋଗଦେବେ ଚୀନ୍ ରାଷ୍ଟ୍ରପତି

**ନୂଆଦିଲ୍ଲୀ,୧୦।୯**

ଭାରତର ଅଧ୍ୟକ୍ଷତାରେ ହେବାକୁ ଥିବା ୧୮ତମ ବ୍ରିକ୍ସ୍ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ଆସୁଛନ୍ତି। ସେ ଶନିବାର ଦିନ ବ୍ରିକ୍ସ୍ ଶିଖର ସମ୍ମିଳନୀରେ ଯୋଗଦେବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବେ।

ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ କ୍ରମେ ଆସନ୍ତା ୧୨-୧୩ରେ ଏଠାରେ ହେବାକୁ ଥିବା ୧୮ତମ ବ୍ରିକ୍ସ୍ ଶିଖର ସମ୍ମିଳନୀରେ ଯୋଗଦେବେ ବୋଲି ଚୀନ୍ ଦୂତାବାସର ମୁଖପାତ୍ର ଗୁରୁବାର ସୋସିଆଲ ମିଡିଆରେ କହିଛନ୍ତି।

ସୂତ୍ରରୁ ପ୍ରକାଶ ଯେ ଚୀନ୍ ରାଷ୍ଟ୍ରପତିଙ୍କ ବିମାନ ଶନିବାର ସକାଳେ ପାଲାମ ବୈଷୟିକ ବିମାନବନ୍ଦରରେ ପହଞ୍ଚିବ। ଚୀନ୍ ରାଷ୍ଟ୍ରପତିଙ୍କ ସହିତ ଏକ ବଡ଼ ବ୍ୟାବସାୟିକ ପ୍ରତିନିଧି ଦଳ ମଧ୍ୟ ଆସୁଛନ୍ତି। ଶନିବାର ଦିନ ପ୍ରଧାନମନ୍ତ୍ରୀ ମୋଦୀ ଚୀନ୍ ରାଷ୍ଟ୍ରପତିଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ରାଜିନାମା ହେବାର ଆଶା କରାଯାଉଛି। ରୁଷ୍ ରାଷ୍ଟ୍ରପତି ଗୁରୁବାର ବିଳମ୍ବିତ ରାତିରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି ଏବଂ ଶୁକ୍ରବାର ଦିନ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ତାଙ୍କର ବାର୍ଷିକ ଶିଖର ବୈଠକ ରହିଛି। ଚୀନ୍ ହେଉଛି ବ୍ରିକ୍ସ୍‌ର ଏକ ପ୍ରମୁଖ ସଦସ୍ୟ। ବୈଶ୍ୱିକ ଭୂ-ରାଜନୈତିକ ପରିବର୍ତ୍ତନ ମଧ୍ୟରେ ଭାରତ ଏବଂ ଚୀନ୍ ବହୁପକ୍ଷୀୟ ଆର୍ଥିକ ସହଯୋଗ ଉପରେ ଧ୍ୟାନ ଦେଉଛନ୍ତି। ବ୍ରିକ୍ସ୍ ଶିଖର ସମ୍ମିଳନୀ ଉଦୀୟମାନ ଶକ୍ତିମାନଙ୍କୁ ବାଣିଜ୍ୟ, ବିକାଶ ଆର୍ଥିକ ଏବଂ ପାଶ୍ଚାତ୍ୟ ନେତୃତ୍ୱାଧୀନ ଅନ୍ତର୍ଜାତୀୟ ଅନୁଷ୍ଠାନଗୁଡ଼ିକର ବିକଳ୍ପ ଉପରେ ପଦକ୍ଷେପ ନେବା ପାଇଁ ଏକ ମଞ୍ଚ ପ୍ରଦାନ କରିଥାଏ। ଚଳିତ ବର୍ଷ ଭାରତ ବ୍ରିକ୍ସ୍‌ର ଅଧ୍ୟକ୍ଷତା କରୁଛି। ଏହି ପରିପ୍ରେକ୍ଷୀରେ ଭାରତ ଚଳିତ ସେପ୍ଟେମ୍ବରରେ ନୂଆଦିଲ୍ଲୀର ଭାରତ ମଣ୍ଡପମରେ ୧୮ତମ ବ୍ରିକ୍ସ୍ ଶିଖର ସମ୍ମିଳନୀ ଆୟୋଜନ କରିଛି। ଏହି ଶିଖର ସମ୍ମିଳନୀରେ ବ୍ରିକ୍ସ୍ ସଦସ୍ୟ ଏବଂ ଅଂଶୀଦାର ଦେଶଗୁଡ଼ିକର ନେତାମାନେ ତଥା ଆମନ୍ତ୍ରିତ ଅତିଥିମାନେ ଯୋଗ ଦେଉଛନ୍ତି। ଭାରତ ବ୍ରିକ୍ସ୍‌ର ପ୍ରତିଷ୍ଠାତା ସଦସ୍ୟ ଏବଂ ପୂର୍ବରୁ ୨୦୨୧ରେ ତିନି ଥର ଏହାର ଅଧ୍ୟକ୍ଷତା କରିଛି । ଭାରତ ୨୦୨୬ ମସିହା ଜାନୁଆରୀ ୧ ତାରିଖରେ ଚତୁର୍ଥ ଥର ପାଇଁ ବ୍ରିକ୍ସ୍‌ର ଅଧ୍ୟକ୍ଷତା ଗ୍ରହଣ କରିଥିଲା। ୨୦୨୬ ବର୍ଷ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ, କାରଣ ବ୍ରିକ୍ସ୍ ଏହାର ପ୍ରତିଷ୍ଠାର କୋଡ଼ିଏ ବର୍ଷ ପୂରଣ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତରେ ବ୍ରିକ୍ସ ଶିଖର ସମ୍ମିଳନୀ ଆୟୋଜନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି



## ଆଜିର ମୁଖ୍ୟ ଖବର

- ହାଟଡ଼ିହି ବିଇଓ ରାଜୀବ କୁମାର ଦଳାଇ ନିଲମ୍ବିତ : ଏସଆଇଆର କାର୍ଯ୍ୟରେ ଅବହେଳା ପାଇଁ ରାଜ୍ୟ ସରକାରଙ୍କ କାର୍ଯ୍ୟାନୁଷ୍ଠାନ।
- ପଳାତକ ହରନେକ ସିଂହ ଆମେରିକାରୁ ପ୍ରତ୍ୟାର୍ପିତ, ଦିଲ୍ଲୀ ବିମାନ ବନ୍ଦରରେ ଗିରଫ କଲା ସିବିଆଇ।
- ପୁଣି ଆରମ୍ଭ ହେବ ଭୁବନେଶ୍ୱର-ବ୍ୟାଙ୍କକ୍ ବିମାନ ସେବା।
- ଓଡ଼ିଶାରେ ଖୋଲିବ ୪ଟି ଆୟୁର୍ବେଦିକ ଓ ୨ଟି ହୋମିଓ-ପାଥିକ ମେଡିକାଲ।
- ଦୁଇ ଦିନିଆ ଗସ୍ତରେ ଗୁଜରାଟରେ ପହଞ୍ଚିଲେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର।
- କାଠମାଣ୍ଡୁ ବିମାନ ବନ୍ଦରରେ ବିଦେଶୀ ମୁଦ୍ରା ସହ ଭାରତୀୟ ନାଗରିକ ଗିରଫ।
- ଅଭିଷେକ ବାନାର୍ଜୀଙ୍କ ସହଯୋଗୀ ସୁମିତ ରୟଙ୍କ ଆଗୁଆ ଜାମିନ ଆବେଦନ ସୁପ୍ରିମକୋର୍ଟରେ ଖାରଜ।
- ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ନେଲେ ଜଷ୍ଟିସ୍ ଅଲ୍ଲେଶ କୋଗଜେ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୫୫୧ (+୧୨୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୨୫୫ (+୧୧୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୬୬୩ (+୯୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୫୫ (+୫)

## ଏକାଳ ପଖାଳ



ଖରାଦିନ କାଳେ ଜଲ୍‌ଦି ଆସିବ
ସେପାଇଁ ଆଗୁଆ ରେଡ଼ି
ବିପଦେ ଆପଦେ ଅଣ୍ଟାରେ ଗାମୁଛା
ଭିଡ଼ିକି କରିବେ ରେଡ଼ି
ସବୁ ହଟହଟା ତଡ଼ି
ବିକାଶ ଗାଡ଼ିଟା ଲାଗୁଛି କ୍ଷଣିକେ
ମହାକାଶେ ଯିବ ଉଡ଼ି।

# ମିଲେଟ୍ କାରଖାନା ସ୍ଥାପନ ନେଇ ଉପମୁଖ୍ୟମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ସମୀକ୍ଷା





**ଭୁବନେଶ୍ୱର,୧୦।୯**
**ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ଚାଷୀମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବା ଏବଂ ସ୍ଥାନୀୟ ଦେଶୀ ଖାଦ୍ୟଶସ୍ୟର ବିଶ୍ୱସ୍ତରୀୟ ବ୍ରାଣ୍ଡିଂ ପାଇଁ ଓଡ଼ିଶା ସରକାର ଏକ ଆଧୁନିକ 'ଚାଉଳ ଓ ମାଣ୍ଡିଆ ପ୍ରକ୍ରିୟାକରଣ କାରଖାନା' ପ୍ରତିଷ୍ଠା କରିବାକୁ ଯୋଜନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଉପ-ମୁଖ୍ୟମନ୍ତ୍ରୀ (କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି) କନକ ବର୍ଦ୍ଧନ ସିଂହଦେଓ, ଉପ-ମୁଖ୍ୟମନ୍ତ୍ରୀ (ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ) ପ୍ରଭାତୀ ପରିଡ଼ା, ଫିଲିପାଇନ୍ସ ସ୍ଥିତ ଅନ୍ତର୍ଜାତୀୟ ଧାନ ଗବେଷଣା ଅନୁଷ୍ଠାନର ମୁଖ୍ୟ ବୈଜ୍ଞାନିକ ଡ. ନେସେ ଶ୍ରୀନିବାସୁଲୁ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ସଚିନ୍ ରାମଚନ୍ଦ୍ର ଯାଦବ ଏବଂ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ମାନସୀ ନିମ୍ଭାଲଙ୍କ ଉପସ୍ଥିତିରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅନୁଷ୍ଠିତ ହୋଇଯାଇଛି। ୩,୮୪୫ ବର୍ଗ ମିଟର ପରିମିତ ଅଞ୍ଚଳରେ ନିର୍ମିତ ହେବାକୁ ଥିବା ଏହି କାରଖାନାଟି ଚାଷୀ, କୃଷକ ଉତ୍ପାଦକ ସଂଗଠନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବେସରକାରୀ ସହଯୋଗୀ ଏବଂ ସରକାରୀ ଅନୁଷ୍ଠାନ *(ପୃଷ୍ଠା ୭ରେ)*

# ପ୍ରବାସୀ ଭାରତୀୟ ବ୍ୟବହାର କରିବେ ଆଧାର କାର୍ଡ

**ନୂଆଦିଲ୍ଲୀ,୧୦।୯**

ଭାରତରେ ସଫଳତାର ସହ କାର୍ଯ୍ୟକାରୀ ହୋଇଥିବା ସ୍ୱତନ୍ତ୍ର ପରିଚୟ 'ଆଧାର'କୁ ବିଦେଶରେ ପହଞ୍ଚାଇବା ଦିଗରେ ଭାରତୀୟ ସ୍ୱତନ୍ତ୍ର ପରିଚୟପତ୍ର କର୍ତ୍ତୃପକ୍ଷ (ୟୁଆଇଡିଏ-ଆଇ) କାର୍ଯ୍ୟ କରୁଛନ୍ତି। ବିଶେଷ କରି ପ୍ରବାସୀ ଭାରତୀୟ ଓ ଭାରତରେ ବସବାସ କରୁଥିବା ବିଦେଶୀ ନାଗରିକଙ୍କୁ ଦୃଷ୍ଟିରେ ରଖି ଏହି କାର୍ଡ ଜାରି କରାଯିବ। ଏକ କାର୍ଯ୍ୟକ୍ରମରେ ଯୋଗଦେଇ ୟୁଆଇଡିଏ- *(ପୃଷ୍ଠା ୭ରେ)*





# ଲଘୁଚାପ ସକ୍ରିୟ : ଆଗାମୀ ୩ ଦିନ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୦।୯ :ନ୍ୟୁଜ୍‌ବ୍ୟୁରୋ**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ରମଶଃ ସକ୍ରିୟ ହେବାରେ ଲାଗିଛି। ଏହାର ପ୍ରଭାବରେ ଆଗାମୀ ୩ ଦିନ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶା ସମେତ ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ଆଗାମୀ ୨୪ ଘଣ୍ଟା ପାଇଁ ରାଜ୍ୟର ୨ ଜିଲ୍ଲା (କନ୍ଧମାଳ, କଳାହାଣ୍ଡି)କୁ ରେଡ୍ ୱାର୍ଣ୍ଣିଂ, ୫ ଜିଲ୍ଲା (ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର)କୁ ଅରେଞ୍ଜ ୱାର୍ଣ୍ଣିଂ ଏବଂ ଅନ୍ୟ ୨୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ରେଡ୍ ଓ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକରେ ପବନର ବେଗ ଘଂଟା ପ୍ରତି ୪୦ରୁ ୫୦ କି.ମି. ଏବଂ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲାଗୁଡିକରେ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ରହିପାରେ।

୧୨ ତାରିଖ ସକାଳ ପର୍ଯ୍ୟନ୍ତ ଝଡ଼ ସହିତ ବଜ୍ରପାତ ଓ ପବନର ସମ୍ଭାବନା ନେଇ ୩ ଜିଲ୍ଲା (କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର)କୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ୨୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକରେ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କି.ମି. ଏବଂ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲାଗୁଡିକରେ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ରହିପାରେ।

ସେହିପରି ୧୨ ତାରିଖ ସକାଳ ଠାରୁ ୧୩ ତାରିଖ ସକାଳ ପର୍ଯ୍ୟନ୍ତ ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ପରବର୍ତ୍ତୀ ୪ ଦିନ ପାଇଁ କୌଣସି ଚେତାବନୀ ଦିଆଯାଇ ନାହିଁ। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଗୁରୁବାର ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି।



# ବିହାରରେ ବନ୍ୟା ବିଭୀଷିକା : ୧୪ ଜିଲ୍ଲାରେ ୩୫ ଲକ୍ଷରୁ ଅଧିକ ପ୍ରଭାବିତ

**ନୂଆଦିଲ୍ଲୀ,୧୦।୯**

ଲଗାଣ ବର୍ଷା ପରେ ବିହାରରେ ବନ୍ୟା ସ୍ଥିତି ଗମ୍ଭୀର ହୋଇଛି। ଗଙ୍ଗା ସମେତ ୮ଟି ପ୍ରମୁଖ ନଦୀର ଜଳସ୍ତର ବୃଦ୍ଧି ପାଇବା ସହ ଅନେକ ସ୍ଥାନରେ ନଦୀଗୁଡ଼ିକ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ରାଜ୍ୟର ୧୪ଟି ଜିଲ୍ଲାର ୮୪ଟି ବ୍ଲକ୍ ଓ ୫୧୪ଟି ପଞ୍ଚାୟତ ବନ୍ୟା ପ୍ରଭାବିତ ହୋଇଛି। ପ୍ରାୟ ୩୫.୮୯ ଲକ୍ଷ ଲୋକ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ଗଙ୍ଗା, କୋଶୀ, ଗଣ୍ଡକ, ବୁଢ଼ୀ ଗଣ୍ଡକ, ପୁନପୁନ, ବାଗମତୀ ଓ ଘାଘରା ନଦୀରେ ଜଳସ୍ତର ବଢ଼ିଚାଲିଛି। ସାରଣ ଜିଲ୍ଲାରେ ମାହି ନଦୀ ଉପରେ ନିର୍ମିତ ବନ୍ଧ ଭାଙ୍ଗିଯିବା ପରେ ସ୍ଥିତି ଆହୁରି *(ପୃଷ୍ଠା ୭ରେ)*

# ଓରାଙ୍ଗଉଟାନ ଉଦ୍ଧାର ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବେଗ : ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ନିର୍ଦ୍ଦେଶ



**ଦୁବାଇ/ଭୁବନେଶ୍ୱର,୧୦।୯**
**ନ୍ୟୁଜ୍‌ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାରେ ୫ଟି ଶିଶୁ ଓରାଙ୍ଗଉଟାନ ଉଦ୍ଧାର ହେବା ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହା ସହିତ ଏହି ପ୍ରାଣୀମାନେ କେଉଁ ପରିସ୍ଥିତିରେ ଓଡ଼ିଶାରେ ପହଞ୍ଚିଲେ, ସେ ସମ୍ପର୍କରେ ସବିଶେଷ ତଦନ୍ତ କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଦୁବାଇରେ ବ୍ୟସ୍ତବହୁଳ ସରକାରୀ କାର୍ଯ୍ୟକ୍ରମରେ ଥିବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ଘଟଣାକ୍ରମ ସମ୍ପର୍କରେ ନିରନ୍ତର ଅବଗତ ରହିଛନ୍ତି ଏବଂ ଏହି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। କେଉଁ ପରିସ୍ଥିତିରେ ଏହି ପ୍ରାଣୀଗୁଡିକ ବାଲେଶ୍ୱର ଜିଲ୍ଲାକୁ ଆସିଲେ ଏବଂ ଏହା ପଛରେ କ'ଣ ପୃଷ୍ଠଭୂମି ରହିଛି, ତାକୁ ସ୍ପଷ୍ଟ କରିବା ପାଇଁ, ସେ ନିର୍ଦ୍ଦେଶ ଦେଇଛନ୍ତି।

ବିଦେଶୀ ବନ୍ୟପ୍ରାଣୀଙ୍କ ଅବୈଧ ଚାଲଣ ପାଇଁ ଓଡ଼ିଶା କେବେହେଲେ ଏକ ଟ୍ରାଞ୍ଜିଟ୍ ପଥ ହେବାକୁ ଦିଆଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ବିଦେଶୀ ବନ୍ୟପ୍ରାଣୀଙ୍କ ଏହି ବେଆଇନ ପରିବହନରେ କୌଣସି ନେଟୱାର୍କ ସମ୍ପୃକ୍ତ ଥିଲେ, ତାହାକୁ ଚିହ୍ନଟ କରି ଆଇନ ଅନୁଯାୟୀ ଦୃଢ଼ *(ପୃଷ୍ଠା ୭ରେ)*

# ଏଆଇ ଯୋଗୁଁ ବଡ଼ କମ୍ପାନୀରେ ଚାକିରି ହରାଇବେ କର୍ମଚାରୀ !





**ନୂଆଦିଲ୍ଲୀ,୧୦।୯**

ଏଆଇ ଯୋଗୁଁ ଚାକିରି ହରାଇବାର ଆଶଙ୍କା ମଧ୍ୟରେ, ବିଶିଷ୍ଟ ବୈଷୟିକ ବୈଜ୍ଞାନିକ ତଥା ଇନ୍‌ଫୋସିସ୍‌ର ଅଧ୍ୟକ୍ଷ ନନ୍ଦନ ନିଲେକାନି ଏକ ଗୁରୁତ୍ୱପୂର୍ଣ୍ଣ ଭବିଷ୍ୟବାଣୀ କରିଛନ୍ତି। ସେ କହିଛନ୍ତି ଯେ ଏଆଇ ମୁଖ୍ୟତଃ ବଡ଼ କମ୍ପାନୀଗୁଡ଼ିକୁ କମ୍ କର୍ମଚାରୀଙ୍କ ସହିତ ଅଧିକ କାମ କରିବାରେ ସକ୍ଷମ କରାଏ; ତଥାପି କ୍ଷୁଦ୍ର ଶିଳ୍ପ ଏବଂ ଲକ୍ଷ ଲକ୍ଷ ଛୋଟ ବ୍ୟବସାୟ ଉପରେ ଏହାର ପ୍ରଭାବ ସେତେଟା ଗୁରୁତର ହେବ ନାହିଁ। ଏଆଇ ବିରୁଦ୍ଧରେ ଚାକିରିକୁ ସୁରକ୍ଷିତ ରଖିବା ପାଇଁ, ବଡ଼ କର୍ପୋରେଟ ସଂସ୍ଥା ବଦଳରେ ଲକ୍ଷ ଲକ୍ଷ ଛୋଟ ବ୍ୟବସାୟକୁ ସଶକ୍ତ କରିବା ଉପରେ ଧ୍ୟାନ ଦେବା ଆବଶ୍ୟକ, ଯାହା ଦ୍ୱାରା ସେଗୁଡ଼ିକର ବିକାଶ ହେବ ଏବଂ ନିଯୁକ୍ତି ସୃଷ୍ଟି ହେବ।

'ଗ୍ଲୋବାଲ ଫିନଟେକ ଫେଷ୍ଟ'ରେ ଉଦ୍‌ବୋଧନ ଦେଇ ନିଲେକାନି କହିଛନ୍ତି ଯେ ଏଆଇକୁ ଆପଣାଇବା ଦ୍ୱାରା ବଡ଼ କମ୍ପାନୀଗୁଡ଼ିକ ନିଜର କାର୍ଯ୍ୟକ୍ଷମତା ବୃଦ୍ଧି କରିବା ସହିତ କର୍ମଚାରୀ ସଂଖ୍ୟା ମଧ୍ୟ ହ୍ରାସ କରିପାରିବେ। ତେଣୁ ଆମକୁ ନିଯୁକ୍ତି ସୃଷ୍ଟି କରୁଥିବା ବ୍ୟବସାୟ ଓ ଶିଳ୍ପ ଉପରେ ଧ୍ୟାନ ଦେବାକୁ ହେବ ଏବଂ ସେଗୁଡ଼ିକ ପାଇଁ ଏକ ଦୃଢ଼ ଭିତ୍ତିଭୂମି ନିର୍ମାଣ *(ପୃଷ୍ଠା ୭ରେ)*



32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୧ ସେପ୍ଟେମ୍ବର ୨୦୨୬ ଶୁକ୍ରବାର





# ବଡ଼ଗଡ଼ ଗଣେଶ ମହୋତ୍ସବରେ ଓଡ଼ିଶାର ସର୍ବୋଚ୍ଚ ଗଣେଶ ମୂର୍ତ୍ତି




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଐତିହାସିକ ବଡ଼ଗଡ଼ ଗଣେଶ ମହୋତ୍ସବ ଚଳିତ ବର୍ଷ ଅଧିକ ଆଡ଼ମ୍ବର ଓ ଭକ୍ତିମୟ ପରିବେଶରେ ପାଳିତ ହେବ। ଅନୁଷ୍ଠିତ ପ୍ରେସ୍ ସମ୍ମିଳନୀରେ ଆୟୋଜକମାନେ ଘୋଷଣା କରିଛନ୍ତି ଯେ, ଚଳିତ ବର୍ଷ ମହୋତ୍ସବର ମୁଖ୍ୟ ଆକର୍ଷଣ ହେବ ୬୩ ଫୁଟ୍ ଉଚ୍ଚ ଗଣେଶ ମୂର୍ତ୍ତି, ଯାହାକୁ ଓଡ଼ିଶାର ସର୍ବୋଚ୍ଚ ଗଣେଶ ମୂର୍ତ୍ତି ବୋଲି ଆୟୋଜକମାନେ ଦାବି କରିଛନ୍ତି। ବଡ଼ଗଡ଼ ଗ୍ରାମବାସୀ ବୃନ୍ଦ, ବ୍ରାଇଟ୍ ଷ୍ଟାର୍ ୟୁଥ୍ ଆସୋସିଏସନ୍ ଏବଂ ବଡ଼ଗଡ଼ ଗଣେଶ ମହୋତ୍ସବ କମିଟିର ମିଳିତ ଆୟୋଜନରେ ଏହି ମହୋତ୍ସବ ଅନୁଷ୍ଠିତ ହେବ। ମହାରାଷ୍ଟ୍ରର ପ୍ରସିଦ୍ଧ ଲାଲବାଗ ଶୈଳୀରେ ନିର୍ମିତ ହେଉଥିବା ଏହି ବିଶାଳ ମୂର୍ତ୍ତିରେ ହୀରା ଖଚିତ ଚିତା, ଦୁଇଟି ରୂପା ପାଦୁକା ଏବଂ ରୂପାର ମୂଷିକ ବାହନ ରହିବ। ଏଥିସହ ୬୩ କିଲୋଗ୍ରାମ୍ ଓଜନର ବୁନ୍ଦିଆ ଲଡ୍ଡୁ ପ୍ରଭୁଙ୍କୁ ଭୋଗ ଭାବେ ଅର୍ପଣ କରାଯିବ। ଚଳିତ ବର୍ଷ ମୂର୍ତ୍ତି ନିର୍ମାଣରେ ପ୍ରାକୃତିକ ରଙ୍ଗ ବ୍ୟବହାର କରାଯାଉଛି। ଜଟଣୀ, କଟକ ଓ କୋଲକାତାର କାରିଗରମାନେ ମୂର୍ତ୍ତି ନିର୍ମାଣରେ ନିୟୋଜିତ ଅଛନ୍ତି। ମାଟି, ବାଉଁଶ ଓ ନଡ଼ା କଟକର ତ୍ରିଶୁଳିଆରୁ ଅଣାଯାଇଛି। ସୋନପୁରର ବୁଣାକାର ଭଗବାନ ମେହେରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରାୟ ୬୨ ହଜାର ଟଙ୍କା ମୂଲ୍ୟର ସ୍ୱତନ୍ତ୍ର ହସ୍ତବୁଣା ବସ୍ତ୍ର ମଧ ମହାପ୍ରଭୁଙ୍କୁ ପରିଧାନ କରାଯିବ। ୧୯୮୫ ମସିହାରୁ ଆରମ୍ଭ ହୋଇଥିବା ବଡ଼ଗଡ଼ ଗଣେଶ ପୂଜା ପ୍ରତିବର୍ଷ ନୂଆ ରୂପ ନେଇଛି। ୨୦୧୮ରେ ୩୫ ଫୁଟ୍, ୨୦୧୯ରେ ୪୦ ଫୁଟ୍, ୨୦୨୩ରେ ୫୫ ଫୁଟ୍, ୨୦୨୪ରେ ୫୭ ଫୁଟ୍ ଏବଂ ୨୦୨୫ରେ ୬୧ ଫୁଟ୍ ଉଚ୍ଚ ମୂର୍ତ୍ତି ନିର୍ମାଣ ହୋଇଥିଲା। ଚଳିତ ବର୍ଷ ଏହା ୬୩ ଫୁଟ୍‌ରେ ପହଞ୍ଚିଛି। ଭକ୍ତମାନଙ୍କ ସୁବିଧା ପାଇଁ ପୁରୁଷ ଓ ମହିଳାଙ୍କ ପାଇଁ ପୃଥକ ଦର୍ଶନ ବ୍ୟବସ୍ଥା, ବୟସ୍କ ଓ ଦିବ୍ୟାଙ୍ଗଙ୍କ ପାଇଁ ହ୍ୱିଲ୍‌ଚେୟାର ଓ ବ୍ୟାଟେରିଚାଳିତ ଗାଡ଼ିର ବ୍ୟବସ୍ଥା କରାଯାଇଛି। ଦୁଇଟି ପ୍ରମୁଖ ସ୍ଥାନରେ ପୋଲିସ କଣ୍ଟ୍ରୋଲ୍ ରୁମ୍ ସହ ସିସିଟିଭି ନଜରଦାରୀ ରହିବ। ମହୋତ୍ସବ ଅବସରରେ ଜର୍ମାନ ହ୍ୟାଙ୍ଗର ପୂଜା ମଣ୍ଡପ, ମିନି ପାଗୋଡ଼ା, ୨୦୦ରୁ ଅଧିକ ବ୍ୟବସାୟିକ ଷ୍ଟଲ, ମିନି ମାର୍କେଟ୍ ଓ ମନୋରଞ୍ଜନ ବ୍ୟବସ୍ଥା ରହିବ। ବଡ଼ଗଡ଼ ଗ୍ରାମ ଛକରୁ କଳ୍ପନା ଛକ ପର୍ଯ୍ୟନ୍ତ ଆଲୋକସଜ୍ଜା କରାଯିବ। ସେପ୍ଟେମ୍ବର ୧୪ରୁ ୧୮ ଏବଂ ୨୦ ତାରିଖରେ ପ୍ରତିଦିନ ବିଭିନ୍ନ ପ୍ରତିଷ୍ଠିତ ଓଡ଼ିଆ କଳାକାରଙ୍କୁ ନେଇ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହେବ। ୧୯ ତାରିଖରେ ପ୍ରସାଦ ସେବନ ଓ ଭଜନ ସମାରୋହ ଏବଂ ପ୍ରାୟ ୧୦,୦୦୦ ଭକ୍ତଙ୍କ ପାଇଁ ଆନନ୍ଦ ବଜାର ଅନୁଷ୍ଠିତ ହେବ। ବିଶାଳ ମୂର୍ତ୍ତିକୁ ଦୃଷ୍ଟିରେ ରଖି ବିସର୍ଜନ ବ୍ୟବସ୍ଥା ମଧ ସ୍ୱତନ୍ତ୍ର ଭାବେ କରାଯାଇଛି। ମଦମୁକ୍ତ ଓ ଡିଜେମୁକ୍ତ ବିସର୍ଜନ ଶୋଭାଯାତ୍ରା ଆୟୋଜନ କରାଯିବ ଏବଂ ପ୍ରାୟ ୧୦ଟି ଟ୍ୟାଙ୍କର ପାଣିରେ ମୁଖ୍ୟ ମୂର୍ତ୍ତିର ପାରମ୍ପରିକ ବିସର୍ଜନ କରାଯିବ। ବ୍ରାଇଟ୍ ଷ୍ଟାର୍ ୟୁଥ୍ ଆସୋସିଏସନ୍ ତଥା ଗଣେଶ ମହୋତ୍ସବ କମିଟିର ସଭାପତି ସଂଗ୍ରାମ ମାର୍ଥା ସମସ୍ତ ଭକ୍ତ ଓ ଅଞ୍ଚଳବାସୀଙ୍କୁ ମହୋତ୍ସବରେ ସହଯୋଗ କରିବା ସହ ଶାନ୍ତି, ଶୃଙ୍ଖଳା ଓ ସାମାଜିକ ସଦ୍ଭାବ ବଜାୟ ରଖିବାକୁ ଆହ୍ୱାନ ଜଣାଇଛନ୍ତି।




## ଶ୍ରେଷ୍ଠ ଶିକ୍ଷକ ଭାବେ ସମ୍ମାନୀତ ହେଲେ ନିଆଜୁଦ୍ଦିନ୍

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଆଦର୍ଶ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ସେକ୍ ନିଆଜୁଦ୍ଦିନ୍ ଶ୍ରେଷ୍ଠ ଶିକ୍ଷକ ଭାବେ ସମ୍ମାନୀତ ହୋଇଛନ୍ତି। ସେକ୍ ନିଆଜୁଦ୍ଦିନ୍ କେନ୍ଦ୍ରାପଡା ଟାଉନ୍ ଉର୍ଦ୍ଦୁ ଲାଇବ୍ରେରୀ ଠାରେ ଆୟୋଜିତ ଏକ ସମାରୋହରେ ସେକ୍ ନିଆଜୁଦ୍ଦିନ୍‌କୁ ଜିଲ୍ଲାର ଶ୍ରେଷ୍ଠ ଶିକ୍ଷକ ୨୦୨୬ ଭାବେ ସମ୍ମାନୀତ କରାଯାଇଛି। ସେକ୍ ନିଆଜୁଦ୍ଦିନ୍ ପୂର୍ବରୁ ନ୍ୟାସନାଲ୍ ଆଇକନ୍ ଅଫ୍ ଓଡ଼ିଶା ଆୱାର୍ଡ ୨୦୨୬ରେ ମଧ ସମ୍ମାନୀତ ହୋଇଥିଲେ। ଶ୍ରେଷ୍ଠ ଶିକ୍ଷକ ସମ୍ମାନ ପୂର୍ବକ ସେକ୍ ନିଆଜୁଦ୍ଦିନ୍‌କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ମାନପତ୍ର ପ୍ରମୁଖ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା, ବିଧାୟକ ଗଣେଶ୍ୱର ବେହେରା, ପୌର ଅଧକ୍ଷା ସରିତା ସାହୁ, ଜିଲ୍ଲାପାଳ ରଘୁରାମ୍ ଆର୍. ଆୟାର, ସହକାରୀ ନିର୍ଦ୍ଦେଶକ ଏସ୍‌ସିଇଆରଟି ସହକାରୀ ନିର୍ଦ୍ଦେଶକ ଡକ୍ଟର ପୂର୍ଣ୍ଣଚନ୍ଦ୍ର ବେହେରା, ବିଜେପି ନେତା ମହମ୍ମଦ ସଲ୍ଲିମ୍ ଖାଁ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ତ୍ରିନାଥ ବେହେରା ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଘରୋଇକରଣ ପରେ ବହୁଗୁଣା ହୋଇପାରେ ବିମାନବନ୍ଦର ସେବା ଦେୟ: ୬୦ରୁ ୨୦୦ଟଙ୍କା ହୋଇପାରେ ପାର୍କିଂ ଫି




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବିଜୁପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଘରୋଇ ସଂସ୍ଥା ହାତକୁ ଟେକି ଦେବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରକ୍ରିୟା ଆଗକୁ ବଢ଼ିବା ପରେ ଏହାର ପ୍ରଭାବକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଦେଶର ୧୧ଟି ବିମାନବନ୍ଦରକୁ ୫ଟି ଗ୍ରୁପ୍‌ରେ ବିଭକ୍ତ କରି ପିପିପି ମୋଡରେ ଦୀର୍ଘମିଆଦୀ ଲିଜ୍‌ରେ ଦେବା ପାଇଁ ଯୋଜନା ରହିଥିବାବେଳେ ଭୁବନେଶ୍ୱର ସହ ହୁବଳି ବିମାନବନ୍ଦରକୁ ଗୋଟିଏ ଗ୍ରୁପ୍‌ରେ ରଖାଯାଇଛି। ତେବେ ଲାଭଜନକ ଭାବେ ପରିଚାଳିତ ହେଉଥିବା ଭୁବନେଶ୍ୱର ବିମାନବନ୍ଦରକୁ ଘରୋଇ ପରିଚାଳନାକୁ ଦେବାପରେ ଏହାର ସିଧାସଳଖ ପ୍ରଭାବ ଯାତ୍ରୀଙ୍କ ଉପରେ ପଡିବା ଆଶଙ୍କା କରାଯାଉଛି। ବିଶେଷକରି ପାର୍କିଂ ଫି ଲାଉଞ୍ଜ ସେବା, ଖାଦ୍ୟପେୟ ଏବଂ ବିମାନବନ୍ଦର ସହ ଜଡିତ ବିଭିନ୍ନ ଦେୟ ବଢ଼ିବାର ଆଶଙ୍କା ପ୍ରକାଶ ପାଇଛି। ହାଇଦ୍ରାବାଦ ବିମାନବନ୍ଦରରେ ଯାତ୍ରୀଙ୍କ ଠାରୁ ବହୁ ଅଧିକ ୟୁଜର ଡେଭଲପ୍‌ମେଣ୍ଟ ଫି ଆଦାୟ ହେଉଥିବାବେଳେ ଅନ୍ତର୍ଜାତୀୟ ଯାତ୍ରୀଙ୍କ କ୍ଷେତ୍ରରେ ଏହି ଦେୟ ଆହୁରି ଅଧିକ। ବର୍ତ୍ତମାନ ଭୁବନେଶ୍ୱରରେ ଗାଡି ପାର୍କିଂ ପାଇଁ ୬୦ ଟଙ୍କା ଦେବାକୁ ପଡୁଥିବାବେଳେ ହାଇଦ୍ରାବାଦରେ ଏହା ପ୍ରାୟ ୨୫୦ ଟଙ୍କା ଥିବା ଉଦାହରଣ ଦିଆଯାଇଛି। ତେଣୁ ଘରୋଇ ପରିଚାଳନାକୁ ଯିବାପରେ ଭୁବନେଶ୍ୱରରେ ମଧ ପାର୍କିଂ ଫି ବଢ଼ିବା ନେଇ ଆଶଙ୍କା ରହିଛି। ସେହିପରି ବିମାନବନ୍ଦର ଲାଉଞ୍ଜରେ ମିଳୁଥିବା ଖାଦ୍ୟପେୟ ଓ ଅନ୍ୟାନ୍ୟ ସେବାର ମୂଲ୍ୟକୁ ନେଇ ମଧ ଯାତ୍ରୀଙ୍କ ଚିନ୍ତା ବଢ଼ିଛି।

## ଏମିତି ବି ଆସେ ମୃତ୍ୟୁ: ଗାଡ଼ି ସିଟ୍‌ରେ ବସିଥିବା ଅବସ୍ଥାରେ ଚାଳକଙ୍କ ମୃତ୍ୟୁ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଜଣେ ଅତ୍ୟନ୍ତ ଭଦ୍ର, ମେଳାପୀ ତଥା ପରିଶ୍ରମୀ ଗ୍ୟାରେଜ୍ ମିସ୍ତ୍ରୀ ତଥା ମାଲିକଙ୍କ ମୃତ୍ୟୁ ହୋଇଛି। ଏମିତିବି ଆସେ ମୃତ୍ୟୁ। ଗାଡ଼ି ଚଳାଉଥିବା ବେଳେ ଅସୁସ୍ଥତା ଅନୁଭବ କରି ଗାଡ଼ିକୁ ରାସ୍ତା କଡରେ ଠିଆ କରି ସିଟ୍‌ରେ ବସିଥିବା ଅବସ୍ଥାରେ ଚାଳକଙ୍କ ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ଅଧିନସ୍ଥ ଗନିଆଁ ଫାଣ୍ଡି ଅନ୍ତର୍ଗତ କେନାଲ ରାସ୍ତା ଗନିଆ ଛକ ପାଖରେ। ଲଛିପୁର ଥାନା କୁଦୋପାଲି ଗ୍ରାମର ମକାରୁ ବାଗ (୪୧) ନିଜ ଗାଡି ସ୍ୱିଫ୍ଟ ଡିଜାୟାରରେ ବରପାଲିକୁ କାମ ପାଇଁ ଯାଇଥିବା ସମୟରେ ଗନିଆଁ ଗାଁ ଛକ ନିକଟରେ କାର୍ ଚଳାଉଥିବା ବେଳେ ଅସୁସ୍ଥତା ଅନୁଭବ କଲେ ତେଣୁ କାର୍‌ଟିକୁ ରାସ୍ତା କଡରେ ଅଟକାଇଦେଇ ଷ୍ଟାର୍ଟ ବନ୍ଦ କରି ବିଶ୍ରାମ ନେଉଥିଲେ। ହଠାତ୍ ହୃଦ୍‌ଘାତ ହୋଇ ତାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ରାସ୍ତା ଉପରେ କାର୍ ଛିଡାକରି କାର୍ ଭିତରେ ଦୀର୍ଘ ୩ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ରହିଥିଲେ। କାର୍‌ଟି ଛିଡା ହୋଇଥିଲା କିନ୍ତୁ କାର୍‌ର ୱାଇଫର୍ ଚାଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି କାର୍ ଭିତରୁ ମକାରୁଙ୍କୁ ଉଦ୍ଧାର କରି ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିବା ବେଳେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏନେଇ ମକାରୁଙ୍କ ଭାଇ ରାମେଶ୍ୱର ବାଗ ବିନିକା ଥାନାରେ ଲିଖିତ ଏତଲା ଦେଇଥିବା ବେଳେ ଏତଲାକୁ ଆଧାର କରି ବିନିକା ଥାନାରେ ୨୧/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ପୋଲିସ। ସୂଚନାଯୋଗ୍ୟ ଯେ ଅତ୍ୟନ୍ତ ଗରିବ ପରିବାରରୁ ଆସିଥିବା ମକାରୁ ପ୍ରଥମେ ମନମୁଣ୍ଡାର ଏକ ଗ୍ୟାରେଜ୍‌ରେ ହେଲ୍‌ପର୍ ଭାବରେ କାମ ଶିଖିବା ପରେ ମିସ୍ତ୍ରୀ ଭାବରେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ପଲସାଗୁଡା ଠାରେ ଗ୍ୟାରେଜ୍ କରି ଅତ୍ୟନ୍ତ ପରିଶ୍ରମୀ ହେତୁ ଭଲ ଦୁଇ ପଇସା ରୋଜଗାର କରୁଥିଲେ। ପ୍ରାୟ ୨ ମାସ ତଳେ ନିଜ ଗ୍ରାମ ପାଖରେ ମହିମା ଖଲିଆପାଲି ଠାରେ ମଧ ଏକ ଗ୍ୟାରେଜ୍ ଓ ସିମେଣ୍ଟ ଦୋକାନ କରିଥିଲେ କିନ୍ତୁ ତାଙ୍କ ଉପରେ ହଠାତ୍ ଦିନେ ମାଡ଼ି ଆସିଲା ଚଡ଼କ। ସେ ପଲସାଗୋରା ଗ୍ୟାରେଜ୍‌ରୁ କାମ ସାରି ରାତି ପ୍ରାୟ ୯.୦୩ ବେଳେ ବୈଦ୍ୟନାଥ ବ୍ରିଜ୍ ଦେଇ ହରଡଖୋଲ ପଟକୁ ଆସୁଥିବା ବେଳେ ରେଲ୍‌ୱେ ବ୍ରିଜ୍ ପାଖରେ ପ୍ରାୟ ୮/୧୦ ଜଣ ଦୁର୍ବୃତ୍ତ ତାଙ୍କୁ ଭୁଜାଲିରେ ମରଣାନ୍ତକ ଆକ୍ରମଣ କରିବା ସହ ପାଖରେ ଥିବା ୮୦ ହଜାର ଟଙ୍କା ଲୁଟ୍ କରିନେଇଥିଲେ। ଏନେଇ ଏକାଥିବା ମକାରୁ ସାହସ ଜୁଟାଇ ଘଟଣାସ୍ଥଳରୁ ବାଇକ୍ ଯୋଗେ ଚାଲିଆସି ସୋନପୁର ଥାନାରେ ମୌଖିକ ଭାବରେ ଅଭିଯୋଗ କରିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। କିଛି ଦିନ ପରେ ଘରକୁ ଫେରି ତାଙ୍କ ପଛପଟ ଅଣ୍ଟା ଉପରକୁ ମେରୁଦଣ୍ଡରେ ବାଜିଥିବା ଭୁଜାଲି ଚୋଟର ଦରଦ ଯୋଗୁ ଗ୍ୟାରେଜ୍ ନଯାଇ ଘରେ ହିଁ ରହିବା ସହ ହସ ହସ ମକରୁ ମୌନ ରହୁଥିଲେ। ଗତ ଗୁରୁବାର ଦିନ ସେ ଧାନ ବିହନ ଫେରସ୍ତ କରିବାକୁ ବରପାଲି ଯାଉଥିବା ବେଳେ ରାସ୍ତାରେ ଚିନ୍ତାଗ୍ରସ୍ତ ଯୋଗୁ ହୃଦ୍‌ଘାତର ଶିକାର ହୋଇଥିବା ଅନୁମାନ କରାଯାଉଛି। ଦୁର୍ବୃତ୍ତ ମାନଙ୍କ ଛିନ୍‌ତାଇ ବଦଳାଇ ଦେଲା କି ହସ ହସ ମକାରୁଙ୍କ ଜୀବନ ରେଖା ?

## 'ଗଙ୍ଗାଧରଙ୍କ ସାହିତ୍ୟରେ ପ୍ରକୃତି ନେଇଛି ଜୀବନ୍ତ ରୂପ'

**କୁଚିଣ୍ଡା, ନ୍ୟୁଜ୍ ବ୍ୟୁରୋ**

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଗୁଛୁରା ଗ୍ରାମର ଦୀନବନ୍ଧୁ ସରକାରୀ ନୋଡାଲ ହାଇ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ଏକ୍କା ସଭାପତିତ୍ୱରେ ସ୍ୱଭାବ ତଥା ପ୍ରକୃତି କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଓ ବାନ ମହୋତ୍ସବ, ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ସାହିତ୍ୟିକ ତଥା ପରିବେଶବିତ୍ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଓ କୁଚିଣ୍ଡା ବ୍ଲକର ପୂର୍ବତନ ଅଧକ୍ଷ କରୁଣାକର କିସାନ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରାରମ୍ଭରେ ସ୍କୁଲର ଅନ୍ୟତମ ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ଦାଶ ସ୍ୱାଗତ ଭାଷଣ ସହ ଅତିଥି ପରିଚୟକୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅତିଥିଗଣ ତାଙ୍କ ଭାଷଣରେ ସ୍ୱଭାବ କବିଙ୍କ ସାହିତ୍ୟରେ ପ୍ରକୃତି କିପରି ଜୀବନ୍ତ ହୋଇପଡ଼ିଛି ତାହା ବର୍ଣ୍ଣନା କରିବା ସହ ପ୍ରକୃତି ସୁରକ୍ଷା ପାଇଁ କିପରି ବୃକ୍ଷ ରୋପଣର ଆବଶ୍ୟକତା ରହିଛି ତାହା ବୁଝାଇ ଥିଲେ। ପ୍ରାରମ୍ଭରେ ଅତିଥିଗଣ କବି ଗଙ୍ଗାଧରଙ୍କ ତୈଳ ଚିତ୍ରରେ ମାଲ୍ୟାର୍ପଣ, ଦୀପଦାନ ଓ ଧୂପ ପ୍ରଦାନ କରି କବିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଛାତ୍ରୀ ଗଣ ମେହେର ସଙ୍ଗୀତ ଗାନ କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହାପରେ ଅତିଥି ମାନକ ସହ ବୃକ୍ଷ ରୋପଣ କରାଯାଇଥିଲା। ଶେଷରେ ସହକରି ଶିକ୍ଷକ ଦୁଷ୍ମନ୍ତ ବରିହା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ରୀତା ଭୋଇ, ନେପାଳ କଟା, କାହ୍ନୁ ପଟେଲ, ମିର୍ଜା ସକିରୁଦ୍ଦିଁ ବେଗ, ରସାନନ୍ଦ ଭଇଁସ।, ନବନୀତା ନାଏକ, ସବିତା ଡୁଙ୍ଗ ଡୁଙ୍ଗ, ସଞ୍ଜୟ କୁମାର ଦେହୁରୀ ପ୍ରମୁଖ ଆୟୋଜନ କରିଥିଲେ।




# ୩ ଦିନିଆ ବୌଦ୍ଧ ଗସ୍ତରେ କ୍ରୀଡା ଓ ଯୁବ ସେବା କମିଶନର

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

୩ ଦିନିଆ ବୌଦ୍ଧ ଜିଲ୍ଲା ଗସ୍ତରେ ଆସିଥିବା ରାଜ୍ୟ କ୍ରୀଡା ଓ ଯୁବ ସେବା ବ୍ୟାପାର ବିଭାଗ କମିଶନର ତଥା ସଚିବ ଭୁପେନ୍ଦ୍ର ସିଂ ପୁନିଆ ବୌଦ୍ଧ ସର୍କିଟ୍ ହାଉସ୍ ଠାରେ ପହଞ୍ଚିଥିଲେ। ସର୍କିଟ୍ ହାଉସ୍ ଠାରେ ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଶ୍ରୀ ପୁନିଆ ଏହି ୩ ଦିନିଆ ଗସ୍ତରେ ଜିଲ୍ଲାର ବିଭିନ୍ନ ଉନ୍ନୟନ କାର୍ଯ୍ୟର ପରିଦର୍ଶନ ଓ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି। ସର୍କିଟ୍ ହାଉସ୍ ଠାରେ ଉପଖଣ୍ଡ ପୋଲିସ ଅଧିକାରୀ



ଲରେନ୍‌ସ ରାଉତରାୟ, ବୌଦ୍ଧର ଅତିରିକ୍ତ ତହସିଲଦାର୍ ମହମ୍ମଦ୍ ରୋଜାଏ ରସୁଲ, ଜିଲ୍ଲା କ୍ରୀଡା ଅଧିକାରୀ ଜ୍ୟୋତି ରଞ୍ଜନ ଭୂଏ, ଜିଲ୍ଲା କର୍ମ ନିୟୋଜନ ତଥା ଦକ୍ଷତା ବିକାଶ ଅଧିକାରୀ ଅଜୟ କୁମାର ଦାଶଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ।

## ୧୨ରେ ଯାଜପୁରରେ ତୃତୀୟ ଲୋକ ଅଦାଲତ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ଓ ଦୌରା ଅଦାଲତ ସମେତ ଜିଲ୍ଲାର ସମସ୍ତ ଅଦାଲତ ପରିସରରେ ଆସନ୍ତା ସେପ୍ଟେମ୍ବର ୧୨ ତାରିଖରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଲିପା ମହାନ୍ତି ପ୍ରକାଶ କରିଛନ୍ତି। ଉକ୍ତ ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ସମାଧାନ ଯୋଗ୍ୟ, ଟ୍ରାଫିକ ଚାଲାଣ, ଦୋଷ ସ୍ୱୀକାର ବୁଝାମଣା ଶ୍ରମ ଓ ନିଯୁକ୍ତି ବିବାଦ, ପାରିବାରିକ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋସ ସମାଧାନ କରାଯିବ। ଏ ସଂକ୍ରାନ୍ତରେ ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଯାଜପୁର ଓ ତାଲୁକ ଆଇନ୍ ସେବା କମିଟି, ଯାଜପୁର ରୋଡ ଏବଂ ଚଣ୍ଡିଖୋଲ ସହିତ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଛି।

## ବୌଦ୍ଧ ଜିଲ୍ଲାକୁ ଶତ ପ୍ରତିଶତ ସାକ୍ଷର କରିବାକୁ ଜିଲ୍ଲାପାଳଙ୍କ ଆହ୍ୱାନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ସ୍ଥିତ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବୌଦ୍ଧ ଜିଲ୍ଲାକୁ ଶତ ପ୍ରତିଶତ ସାକ୍ଷର ଜିଲ୍ଲାରେ ପରିଣତ କରିବାପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନୀତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ, ସମାଜସେବୀ ତଥା ଶିକ୍ଷାବିତ ଶ୍ୟାମସୁନ୍ଦର ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ପ୍ରୋଗ୍ରାମ ଅଫିସର ରୀନା ମହାନ୍ତି, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ କୁମାର ପ୍ରଧାନ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ମାନର ସହ ଜୀବନ ବଞ୍ଚିବା ପାଇଁ ସାକ୍ଷରତା ଓ ଶିକ୍ଷା ନିହାତି ଆବଶ୍ୟକ ଓ ସମସ୍ତଙ୍କୁ ସାକ୍ଷର କରିବାରେ ପ୍ରତ୍ୟେକଙ୍କ ଦାୟିତ୍ୱ ରହିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ହରଭଙ୍ଗା ଏବିଇଓ




କାର୍ତ୍ତିକେଶ୍ୱର ନାୟକ, କଣ୍ଟାମାଳ ଏବିଇଓ ଲକ୍ଷ୍ମୀ ମଲ୍ଲିକ, ସହ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ପ୍ରବୀଣ କୁମାର ପ୍ରଧାନ ଅନ୍ୟତମ ଅତିଥି ଭାବରେ ଉପସ୍ଥିତ ଥିଲେ। ବୌଦ୍ଧ ବ୍ଲକର ଶ୍ରେଷ୍ଠ ପର୍ଯ୍ୟବେକ୍ଷକ କମ୍ବୁଧର ଖୁରା, ହରଭଙ୍ଗା ବ୍ଲକର ଶ୍ରେଷ୍ଠ ପର୍ଯ୍ୟବେକ୍ଷକଙ୍କ ଦିପ୍ତିମୟୀ ସାହୁ, କଣ୍ଟାମାଳ ବ୍ଲକର ଶ୍ରେଷ୍ଠ ପର୍ଯ୍ୟବେକ୍ଷକ ଗଣେଶ୍ୱର ରଣା ଏବଂ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଶିକ୍ଷକ ଭାବରେ ପୁଷ୍ପାଞ୍ଜଳି ସାହୁ, ହରଭଙ୍ଗାର ଦୀପାଳି ଦୀପ ଓ କଣ୍ଟାମାଳର ଜୟଦେବ ନାଗଙ୍କୁ ୨୦୨୬-୨୭ ଉଲ୍ଲାସ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରୁ ଏକ ଶୋଭାଯାତ୍ରା ବାହାରି ପୋଷ୍ଟ ଅଫିସ ଛକ, ଗାନ୍ଧୀ ଛକ, ପୌରାଞ୍ଚଳ ଛକ, ୱାରଲେସ୍ ଛକ ଦେଇ ସହର ପରିଭ୍ରମଣ କରିଥିଲା। ସାକ୍ଷରତା ରଥ, ସ୍ଲୋଗାନ୍ ଓ ପ୍ଲାକାର୍ଡ ମାଧ୍ୟମରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ପୌରାଞ୍ଚଳ ଅଧିନସ୍ଥ ସମସ୍ତ ବିଦ୍ୟାଳୟ ସମୂହର ପ୍ରାୟ ୩୦୦ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଙ୍ଗନୱାଡି କର୍ମୀ ପ୍ରତି ବ୍ଲକରୁ ୧୫ ଜଣ ପର୍ଯ୍ୟବେକ୍ଷକ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ସନ୍ତୋଷ କର୍ଣ୍ଣ ମଞ୍ଚ ପରିଚାଳନା କରିଥିବାବେଳେ ସିଆରସିସି ପ୍ରଜିନା ପାଢ଼ୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ରାଉରକେଲାରେ ଅବକାରୀ ଚଢ଼ଉ: ୭୨୪ ଲିଟର ମହୁଲି ମଦ, ବିପୁଳ ପୋଚ ଜବତ

**ରାଉରକେଲା, ନ୍ୟୁଜ୍**

ଆଗାମୀ ଗଣେଶ ପୂଜା ଓ ନୂଆଖାଇ ପର୍ବକୁ ଦୃଷ୍ଟିରେ ରଖି ଚୋରା ମଦର ଉତ୍ପାଦନ, ସଂରକ୍ଷଣ ଓ ବିକ୍ରୟ ଉପରେ ରୋକ୍ ଲଗାଇବା ପାଇଁ ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ ଓ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟକୁ ଜୋରଦାର୍ କରାଯାଇଛି। ରାଉରକେଲା ଅବକାରୀ ଅଧୀକ୍ଷକ ଧନେଶ୍ୱର ବରାଡଙ୍କ ତତ୍ତ୍ୱାବଧାନରେ ୮ ସେପ୍ଟେମ୍ବର ୨୦୨୬ରେ ରାଉରକେଲାର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଚଢ଼ଉ କରାଯାଇଥିଲା। ଏହି ଅଭିଯାନରେ ମୋଟ୍ ୧୨ଟି ଅବକାରୀ ମାମଲା ରୁଜୁ କରାଯାଇ ୧୨ ଜଣ ଅଭିଯୁକ୍ତଙ୍କ ବିରୋଧରେ ଆଇନାନୁଗତ ପଦକ୍ଷେପ ନିଆଯାଇଛି। ଚଢ଼ଉ ସମୟରେ ମୋଟ୍ ୭୨୪ ଲିଟର ମହୁଲି ମଦ ଏବଂ ୧୫,୦୭୦ କିଲୋଗ୍ରାମ୍ ମହୁଲ ପୋଚ ଜବତ କରାଯାଇଛି। ଡିଷ୍ଟ୍ରିକ୍ଟ ମୋବାଇଲ୍ ୟୁନିଟ୍, ରାଉରକେଲା ପକ୍ଷରୁ ରଘୁନାଥପାଲି ଥାନା ଅଧୀନ ରାଜୀବ ବସ୍ତି (S.T.I.) ଠାରେ ୩ଟି ମାମଲା ରୁଜୁ କରାଯାଇଥିଲା। ମୁନି ବଡାଇକଙ୍କ ନିକଟରୁ ୭୦ ଲିଟର ମହୁଲି ମଦ ଓ ୧,୩୦୦ କି.ଗ୍ରା. ମହୁଲ ପୋଚ, ବଜମତି ସାହୁଙ୍କ ନିକଟରୁ ୭୫ ଲିଟର ମହୁଲି ମଦ ଓ ୧,୪୨୦ କି.ଗ୍ରା. ମହୁଲ ପୋଚ ଏବଂ ସାଓ୍ୱନ ସାହୁଙ୍କ ନିକଟରୁ ୭୫ ଲିଟର ମହୁଲି ମଦ ଓ ୧,୪୫୦ କି.ଗ୍ରା. ମହୁଲ ପୋଚ ଜବତ କରାଯାଇଥିଲା। ଏହି ମାମଲାଗୁଡ଼ିକର ତଦନ୍ତ ରୋହିତ କୁମାର ଦାନସେନା, ଅବକାରୀ ଉପ-ନିରୀକ୍ଷକ, ଡିଷ୍ଟ୍ରିକ୍ଟ ମୋବାଇଲ୍ ୟୁନିଟ୍, ରାଉରକେଲା କରୁଛନ୍ତି। ରାଉରକେଲା-II ଅବକାରୀ ଥାନା ପକ୍ଷରୁ ରାଜୀବ ବସ୍ତିରେ ୩ଟି ମାମଲା ରୁଜୁ କରାଯାଇଥିଲା। ସମରୀ ତିର୍କୀଙ୍କ ନିକଟରୁ ୮୦ ଲିଟର ମହୁଲି ମଦ ଓ ୧,୩୫୦ କି.ଗ୍ରା. ମହୁଲ ପୋଚ, ସଞ୍ଜୁ ସାହୁଙ୍କ ନିକଟରୁ ୬୦ ଲିଟର ମହୁଲି ମଦ ଓ ୧,୨୫୦ କି.ଗ୍ରା. ମହୁଲ ପୋଚ ଏବଂ କୁଲେଶ ନାୟକଙ୍କ ନିକଟରୁ ୮୦ ଲିଟର ମହୁଲି ମଦ ଓ ୧,୪୦୦ କି.ଗ୍ରା. ମହୁଲ ପୋଚ ଜବତ ହୋଇଥିଲା। ମାମଲାଗୁଡ଼ିକର ତଦନ୍ତ ଜ୍ଞାନେଶ୍ୱରୀ ବିଶ୍ୱାଳ, ଅବକାରୀ ଉପ-ନିରୀକ୍ଷକ, ରାଉରକେଲା-II ଅବକାରୀ ଥାନା କରୁଛନ୍ତି। ରାଉରକେଲା-I ଅବକାରୀ ଥାନା ପକ୍ଷରୁ ସେକ୍ଟର-୧୫ ଥାନା ଅଧୀନ ଲୁଆକେରା ଗ୍ରାମରେ ୨ଟି ମାମଲା ରୁଜୁ କରାଯାଇଥିଲା। ମଙ୍ଗଳ ଜାଲକ୍ସୋଙ୍କ ନିକଟରୁ ୨୦ ଲିଟର ମହୁଲି ମଦ ଏବଂ ବିଜିଲା ଲାକ୍ରାଙ୍କ ନିକଟରୁ ୨୧ ଲିଟର ମହୁଲି ମଦ ଜବତ କରାଯାଇଥିଲା। ଏହି ମାମଲାଗୁଡ଼ିକର ତଦନ୍ତ ଦେବେନ୍ଦ୍ର ବାରିହା, ଅବକାରୀ ଉପ-ନିରୀକ୍ଷକ କରୁଛନ୍ତି। ସେହିପରି, ରାଉରକେଲା ରେଞ୍ଜ ପକ୍ଷରୁ ରାଜୀବ ବସ୍ତିରେ ୪ଟି ମାମଲା ରୁଜୁ କରାଯାଇଥିଲା। ସୁର୍ଜି ସାହୁଙ୍କ ନିକଟରୁ ୫୦ ଲିଟର ମହୁଲି ମଦ ଓ ୧,୨୦୦ କି.ଗ୍ରା. ମହୁଲ ପୋଚ, ସାବିତ୍ରୀ ସାହୁଙ୍କ ନିକଟରୁ ୫୫ ଲିଟର ମହୁଲି ମଦ ଓ ୧,୩୦୦ କି.ଗ୍ରା. ମହୁଲ ପୋଚ, ପାର୍ବତୀ ସିକାଙ୍କ ନିକଟରୁ ୭୦ ଲିଟର ମହୁଲି ମଦ ଓ ୧,୩୦୦ କି.ଗ୍ରା. ମହୁଲ ପୋଚ ଏବଂ ବୁଧନୀ ସାହୁଙ୍କ ନିକଟରୁ ୬୮ ଲିଟର ମହୁଲି ମଦ ଓ ୧,୪୦୦ କି.ଗ୍ରା. ମହୁଲ ପୋଚ ଜବତ କରାଯାଇଥିଲା। ଏହି ମାମଲାଗୁଡ଼ିକର ତଦନ୍ତ ଦୁର୍ବାଦଳ ବିଶ୍ୱାଳ, ଅବକାରୀ ନିରୀକ୍ଷକ, ରାଉରକେଲା ରେଞ୍ଜ କରୁଛନ୍ତି। ଗଣେଶ ପୂଜା ଓ ନୂଆଖାଇ ପର୍ବ ପୂର୍ବରୁ ଚୋରା ମଦର ଉତ୍ପାଦନ, ବିକ୍ରୟ ଓ ପ୍ରସାର ଉପରେ ନିୟନ୍ତ୍ରଣ ଲଗାଇବା ସହିତ ଶାନ୍ତିପୂର୍ଣ୍ଣ ଭାବେ ପର୍ବପର୍ବାଣୀ ପାଳନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଅବକାରୀ ବିଭାଗ ପକ୍ଷରୁ ଏଭଳି ଚଢ଼ଉ ଆଗାମୀ ଦିନରେ ମଧ ଜାରି ରହିବ। ସମସ୍ତ ମାମଲାରେ ଆବଶ୍ୟକ ଆଇନାନୁଗତ ପଦକ୍ଷେପ ଗ୍ରହଣ କରାଯାଇଥିବାବେଳେ ତଦନ୍ତ ଜାରି ରହିଛି।

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣା | ଏକା ସାଙ୍ଗରେ ଜଳିଲା ବାପା-ପୁଅଙ୍କ ଜୁଇ: କାନ୍ଦୁଛି ଗାଁ, ଝୁରୁଛି ଅଞ୍ଚଳ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ମୃତ୍ୟୁ ବି ଏମିତି ଆସେ। ଯାହାଙ୍କ ହାତ ଧରି ଚାଲିବା ଶିଖିଥିଲା, ଆଜି ସେହି ବାପାଙ୍କ ସହ ସବୁଦିନ ପାଇଁ ଆଖି ବୁଜିଦେଲା ପୁଅ। ହେତୁ ପାଇବା ପୂର୍ବରୁ ବାପାଙ୍କ ସହ ସବୁଆଡେ ବୁଲିବା ଅଭ୍ୟାସ ହୋଇଯାଇଥିଲା। ବାପା ଯେଉଁଆଡେ ଯାଉଥିଲେ ସାଙ୍ଗରେ ଛାଇପରି ଯାଉଥିଲା। ବଡ ମଣିଷ କରାଇବାକୁ ସ୍ୱପ୍ନ ଦେଖୁଥିଲେ। ପଞ୍ଚମ ଶ୍ରେଣୀରେ ପଢୁଥିବା ପୁଅ ଖୁବ୍ ମେଧାବୀ ଥିଲା। ନିୟତିର ନିଷ୍ଠୁର ବିଚାର ଆଗରେ ସବୁକିଛି ଓଲଟପାଲଟ ହୋଇଗଲା। ଏକାସାଙ୍ଗରେ ବାପ-ପୁଅଙ୍କ ଜୁଇ ଜଳିଲା। ଏହି ହୃଦୟ ବିଦାରକ ଘଟଣାରେ ସମଗ୍ର ଅଞ୍ଚଳ ସ୍ତବ୍ଧ ପାଲଟିଯାଇଛି। ପିଲାଠୁ ବୟସ୍କଙ୍କ ଯାଏ ସମସ୍ତଙ୍କ ଆଖି ଲୁହରେ ଭିଜିଛି। ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ବ୍ରଜନଗର ନିକଟରେ ସୋମବାର ସକାଳେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଥିଲା। ଏଥିରେ କରଦା ଗ୍ରାମର ଅଶୋକ କୁମାର ସାହୁ (୩୭) ଓ ତାଙ୍କ ଏକମାତ୍ର ପୁଅ ଆଦିଶ କୁମାର ସାହୁ (୧୧)ଙ୍କର ମୃତ୍ୟୁ ଘଟିଥିଲା।





ଅଶୋକଙ୍କ ଝିଅ ଆଦ୍ୟାଶା ସାହୁ (୩) ଏବଂ ଭକଣ୍ଡରୀ ଗ୍ରାମର ଗୌରାଙ୍ଗ ଓଝାଙ୍କ ପୁଅ ସାହିଲ ଓଝା (୧୩) ଗୁରୁତର ଆହତ ହୋଇଥିଲେ। ଲିଙ୍ଗେଶ୍ୱର ଶିଶୁ ମନ୍ଦିରରେ ପଢୁଥିବା ଆଦିଶ ଓ ଆଦ୍ୟାଶାଙ୍କୁ ସ୍କୁଲ ଛାଡିବା ପାଇଁ ଅଶୋକ ଯାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ କିଆ କାର୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଅଶୋକ ଓ ତାଙ୍କ ପୁଅ, ଝିଅଙ୍କ ସମେତ ନିକଟରେ ସ୍କୁଲ ଯାଉଥିବା ସାହିଲ ଗୁରୁତର ଆହତ ହୋଇଥିଲେ। ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ୪ ଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ଆଦିଶ, ଆଦ୍ୟାଶା ଓ ସାହିଲଙ୍କୁ କଟକ ସ୍ଥିତ ଶିଶୁ ଭବନ ଏବଂ ଅଶୋକଙ୍କୁ ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ନିଆଯାଇଥିଲା। ଡାକ୍ତର ଅଶୋକ ଓ ଆଦିଶଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ବାପ-ପୁଅଙ୍କ ମୃତଦେହକୁ ଗାଁକୁ ଅଣାଯାଇଥିଲା। ଅପରାହ୍ନ ପ୍ରାୟ ୪.୩୦ ବେଳେ ମୃତଦେହ ପାଣିକୋଇଲିରେ ପହଞ୍ଚିଥିଲା। ସହସ୍ରାଧିକ ଲୋକେ ସେଠାରେ ଶୋଭାଯାତ୍ରାରେ ମୃତଦେହକୁ ତାଙ୍କ ଗାଁ କରଦାକୁ ନେଇଥିଲେ। ଏହି ସମୟରେ କାନ୍ଦବୋବାଳିରେ ସମଗ୍ର ଗ୍ରାମ ଫାଟି ପଡିଥିଲା। ସ୍ୱାମୀ ଓ ପୁଅକୁ ହରାଇଥିଲା ଅଶୋକଙ୍କ ପତ୍ନୀ ଏକପ୍ରକାର ଜଡ ପାଲଟି ଯାଇଥିଲେ। ଅଶୋକଙ୍କ ବାପା ଓ ପରିବାର ଲୋକେ ମୁଣ୍ଡ ପିଟି କାନ୍ଦୁଥିବାର ଦୃଶ୍ୟ ବେଶ୍ ହୃଦୟବିଦାରକ ଥିଲା। ପରେ ବାପା-ପୁଅଙ୍କ ମୃତ ଦେହକୁ ଲିଙ୍ଗେଶ୍ୱର ନିକଟସ୍ଥ ଶ୍ମଶାନକୁ ନିଆଯାଇଥିଲା। ଶିଶୁମନ୍ଦିର ନିକଟରୁ ଛାତ୍ରଛାତ୍ରୀ ଘୋଷ ବାଦ୍ୟ ବଜାଇ ଶବ ଯାତ୍ରାରେ ସାମିଲ୍ ହୋଇଥିଲେ। ସେଠାରେ ଏକା ସାଙ୍ଗରେ ଉଭୟଙ୍କର ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ପାଣିକୋଇଲି ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ ସଦଳବଳେ ଉପସ୍ଥିତ ରହିଥିଲେ। କୋରେଇ ବିଧାୟକ ଆକାଶ ଦାସନାୟକ, ସାଂସଦଙ୍କ ପ୍ରତିନିଧି ପ୍ରଦୀପ ଧଳ, ଉପାଧକ୍ଷ ପ୍ରଫୁଲ୍ଲ ଦାସ, କରଦା ସରପଞ୍ଚ ଅନିମା ମଲ୍ଲିକ, ସମିତି ସଭ୍ୟା ପଙ୍କଜିନୀ ସାହୁ, ମାଳଆନ୍ଦପୁର ସରପଞ୍ଚ ପର୍ଶୁରାମ ଦଳାଇ, ମୂଳାପାଳ ସମିତି ସଭ୍ୟ ମଧୁସୂଦନ ନନ୍ଦୀ, ପୂର୍ବତନ ସରପଞ୍ଚ ବିଶ୍ୱନାଥ ସ୍ୱାଇଁ, ଗଣେଶ ଚନ୍ଦ୍ର ସାହୁ, ଦୈତାରୀ ଧଳ, ଦିଲ୍ଲୀପ ଧଳ, ଗୋଲେଖ ମାଝୀ, କାର୍ତ୍ତିକ ସାହୁ, ଭାସ୍କର ସାହୁଙ୍କ ସମେତ ଲିଙ୍ଗେଶ୍ୱର ଉନ୍ନୟନ କମିଟି, ଶିଶୁ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା, ଶିଶୁ ମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମା'ଙ୍କ ସମେତ ସମସ୍ତ କର୍ମଚାରୀ ଶେଷଯାତ୍ରାରେ ସାମିଲ୍ ହୋଇଥିଲେ।

# ବିକାଶ ଆବାସିକ ବିଦ୍ୟାଳୟରେ 'ନୂଆଖାଇ ହାଟ୍'



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଅବସରରେ ବିକାଶ ଆବାସିକ ବିଦ୍ୟାଳୟରେ ଆନନ୍ଦ ଓ ଉତ୍ସାହର ପରିବେଶ ମଧ୍ୟରେ "ନୂଆଖାଇ ହାଟ୍" ଆୟୋଜିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ପ୍ରାଥମିକ ବିଭାଗର ଛାତ୍ରଛାତ୍ରୀମାନେ ଚାଷୀ ଓ ଗ୍ରାମୀଣ ଜୀବନର ବିଭିନ୍ନ ପାରମ୍ପାରିକ ପୋଷାକ ପରିଧାନକରି ଏହି ଉତ୍ସବକୁ ଅଧିକ ଆକର୍ଷଣୀୟ କରିଥିଲେ। କାର୍ଯ୍ୟକ୍ରମର ଉଦ୍‌ଘାଟନ ବିକାଶ ଆବାସିକ ବିଦ୍ୟାଳୟର ଏକ୍‌ଜ୍ୟୁକ୍ୟୁଟିଭ୍ ପ୍ରିନ୍ସିପାଲ ଶିଶିର ପ୍ରସାଦ ରାଉଳଙ୍କ ଦ୍ୱାରା ହୋଇଥିଲା। ନୂଆଖାଇ ପରମ୍ପରା, କୃଷି ଓ ଚାଷୀଙ୍କ ଗୁରୁତ୍ୱକୁ ଛାତ୍ରଛାତ୍ରୀମାନଙ୍କ ନିକଟରେ ପହଞ୍ଚାଇବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ନୂଆଖାଇ ହାଟରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାର ତାଜା ପନିପରିବା, ପାରମ୍ପରିକ ଖାଦ୍ୟ, ଗୁପଚୁପ୍, ଝାଲମୁଢ଼ି ଆଦିର ଷ୍ଟଲ୍ ପରିଚାଳନା କରିଥିଲେ। ଏଥିସହ ନୂଆଖାଇର ପରାମ୍ପରିକ ନୂଆ ଧାନ ଓ ନୂଆଖାଇ ପୂଜା ସାମଗ୍ରୀ ମଧ ରଖିଥିଲେ।

## ଲପଙ୍ଗା ଛକ ନିକଟରୁ ଅଜଣା ମୃତ ଦେହ ଉଦ୍ଧାର

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଗତ ୮ ତାରିଖ ମଙ୍ଗଳବାର ଦିନ ଲପଙ୍ଗା ଛକ ୟୁ ଟର୍ଣ୍ଣ ନିକଟରୁ ଏକ ଅଜଣା ମୃତ ଦେହ ଉଦ୍ଧାର ହୋଇଛି। ତାର ବୟସ ଅନୁମାନିକ ୬୦ ରୁ ୭୦ ହୋଇଥିବ। ଏ ସମ୍ପର୍କରେ ଠେଲକୋଲି ଥାନାରେ ଫୁଲଚଙ୍ଗେରର ୱାର୍ଡ ମେମ୍ବର ମହେନ୍ଦ୍ର କିଶାନଙ୍କ ଏତଲାକ୍ରମେ ୟୁଡି କେସ୍‌ନଂ.୦୯/ ତା. ୦୮.୦୯.୨୬ ରିଖରେ ମାମଲା ରୁଜୁ ହୋଇଛି। ତଦନୁସାରେ ପଞ୍ଚନାମା ହୋଇ ମୃତ ଦେହକୁ ବୁର୍ଲାରେ ଶବ ବ୍ୟବଚ୍ଛେଦ ପାଇଁ ୭୨ଘଣ୍ଟା ଅବ୍‌ଜର୍ଭେସନ୍‌ରେ ରଖାଯାଇଥିବା ଠେଲକୁଲି ଥାନା ପକ୍ଷରୁ କୁହାଯାଇଛି।

# ମୟୂରଭଞ୍ଜ ଚାମ୍ବର ଅଫ୍ କମର୍ସ ଏବଂ ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସହଭାଗିତାକୁ ସୁଦୃଢ଼ କରିବା ସହ ମୟୂରଭଞ୍ଜର ଯୁବପିଢ଼ିଙ୍କ ପାଇଁ ଉତ୍ତମ ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ମୟୂରଭଞ୍ଜ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଏମ୍‌ସିସିଆଇ) ଏବଂ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣା ପତ୍ର କୁଳପତି ପ୍ରଫେସର ଡ. ମହେନ୍ଦ୍ର କୁମାର ମହାନ୍ତିଙ୍କ ପ୍ରକୋଷ୍ଠରେ ସ୍ୱାକ୍ଷରିତ ହୋଇଛି। ମୟୂରଭଞ୍ଜ ଚାମ୍ବର



ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ସଭାପତି ରୋଟାରିଆନ୍ ନିରୋଜ କୁମାର ପଣ୍ଡା ତଥା ବିଶ୍ୱବିଦ୍ୟାଳୟର ଅନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ଚାମ୍ବର ପକ୍ଷରୁ ସମ୍ପାଦକ ଇଂ. ସୌମ୍ୟରଞ୍ଜନ ମିଶ୍ର ଏବଂ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳସଚିବ ସୁମିତା ସିଂହ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ବୁଝାମଣା ପତ୍ର ମାଧ୍ୟମରେ ମିଳିତ ତଥା ଶିଳ୍ପ-ପ୍ରାୟୋଜିତ ଗବେଷଣା, ପ୍ରତ୍ୟକ୍ଷ ଶିଳ୍ପ ପ୍ରକଳ୍ପ, ପ୍ରୋଟୋଟାଇପିଂ, ପେଟେଣ୍ଟ, ପ୍ରଯୁକ୍ତି ବିଦ୍ୟା ହସ୍ତାନ୍ତର ଏବଂ ବ୍ୟବସାୟୀକରଣକୁ ପ୍ରୋତ୍ସାହନ ଦିଆଯିବା ସହିତ ସମ୍ପୃକ୍ତ ସରକାରୀ ଯୋଜନା ଓ ଆର୍ଥିକ ସହାୟତା ବିଷୟରେ ସଚେତନତା ସୃଷ୍ଟି କରି ଜାତୀୟ ଶିକ୍ଷାନୀତି ୨୦୨୦ ସହିତ ତାଳ ଦେଇ, ଅନୁଭୂତିଭିତ୍ତିକ ଶିକ୍ଷା, ନିଯୁକ୍ତି ଯୋଗ୍ୟତା, ଉଦ୍ଭାବନ ଏବଂ ଉଦ୍ୟୋଗୀତାକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖାଯାଇଛି।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ପ୍ରତି ଆମେରିକୀୟଙ୍କୁ ମିଳିବ ୫ ହଜାର ଡଲାର

ନିର୍ବାଚନ ପାଇଁ ଖାଲି ଆମ ଦେଶ କି ରାଜ୍ୟରେ ଭୋଟରଙ୍କୁ ଟଙ୍କା ଯଚା ହୁଏନି ଆମେରିକାରେ ମଧ୍ୟ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୁଏ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ଏକ ବଡ଼ ପ୍ରତିଶ୍ରୁତି ଦେଇଛନ୍ତି । ରିପବ୍ଲିକାନ୍ ପାର୍ଟିର ମଧ୍ୟବର୍ତ୍ତୀକାଳୀନ ସମ୍ମିଳନୀର ପ୍ରଥମ ରାତିରେ ସେ ଘୋଷଣା କରିଛନ୍ତି ଯେ ଯଦି ନଭେମ୍ବର ନିର୍ବାଚନରେ ହାଉସ୍ ଅଫ୍ ରିପ୍ରେଜେଣ୍ଟଟିଭ୍ସ ଏବଂ ସେନେଟ୍ ଉଭୟ ସଦନରେ ନିଜର ନିୟନ୍ତ୍ରଣ ବଜାୟ ରଖେ, ତେବେ ପ୍ରତ୍ୟେକ ବୟସ୍କ ଆମେରିକୀୟଙ୍କୁ ୫,୦୦୦ ଡଲାର ଲେଖାଏଁ ପ୍ରଦାନ କରାଯିବ । ଡାଲାସ୍ ସହରରେ ଆୟୋଜିତ ଏହି ସମ୍ମିଳନୀକୁ ସମ୍ବୋଧିତ କରି ଟ୍ରମ୍ପ କହିଛନ୍ତି ଯେ ଯଦି ରିପବ୍ଲିକାନମାନେ ବିଜୟୀ ହୁଅନ୍ତି, ତେବେ ଜନସାଧାରଣ ମଧ୍ୟ ଏହି ବିଜୟର ଅଂଶୀଦାର ହେବେ ଏବଂ ସେମାନଙ୍କୁ 'ଟ୍ରମ୍ପ ଡିଭିଡେଣ୍ଡ' ଭାବରେ ଏହି ଅର୍ଥ ମିଳିବ । ଏହି ପ୍ରସ୍ତାବରେ ପ୍ରାୟ ୧ ଟ୍ରିଲିୟନ ଡଲାର୍ ଖର୍ଚ୍ଚ ହେବାର ଆକଳନ କରାଯାଇଛି । ଆର୍ଥିକ ଏବଂ ରାଜନୈତିକ ଉଭୟ ଦୃଷ୍ଟିକୋଣରୁ ଏହାକୁ ଏକ କଠିନ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ତେବେ ଏତେ ବିପୁଳ ପରିମାଣର ଅର୍ଥ କେଉଁଠାରୁ ଆସିବ, ସେ ସମ୍ପର୍କରେ ଟ୍ରମ୍ପ କୌଣସି ସ୍ପଷ୍ଟ ସୂଚନା ଦେଇ ନାହାନ୍ତି । ସେ କେବଳ ଦେଶ ବହୁ ପରିମାଣରେ ଟଙ୍କା ରୋଜଗାର କରୁଛି ବୋଲି ଦର୍ଶାଇଛନ୍ତି । ସାମ୍ପ୍ରତିକ ଜନମତ ସର୍ଭେ ଅନୁଯାୟୀ, ଟ୍ରମ୍ପଙ୍କ ଆପ୍ରୁଭାଲ୍ ରେଟିଂ ୩୦ ପ୍ରତିଶତର ନିମ୍ନ ସ୍ତରକୁ ଖସିଆସିଛି । ଦେଶରେ ବୃଦ୍ଧି ପାଉଥିବା ମହଙ୍ଗା ମାଡ଼ ଏବଂ ବର୍ଦ୍ଧିତ ଦରଦାମକୁ ନେଇ ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି । ଏହା ବ୍ୟତୀତ ଇରାନ ସହିତ ଚାଲିଥିବା ଯୁଦ୍ଧକୁ ନେଇ ମଧ୍ୟ ତାଙ୍କୁ ରାଜନୈତିକ ଚାପର ସମ୍ମୁଖୀନ ହେବାକୁ ପଡୁଛି । ଡେସିସନ୍ ଡେସ୍କ ଏଚ୍‌କେର ଆକଳନ ଅନୁଯାୟୀ, ଆଗାମୀ ନିର୍ବାଚନରେ ଡେମୋକ୍ରାଟିକ୍ ପାର୍ଟି ପ୍ରତିନିଧି ସଭାରେ ୨୩୦ଟି ଆସନ ଏବଂ ରିପବ୍ଲିକାନ୍ ପାର୍ଟି ୨୦୫ଟି ଆସନ ଜିତିପାରେ । ସେନେଟ୍‌ରେ ମଧ୍ୟ ଡେମୋକ୍ରାଟ୍ ମାନେ ୫୧-୪୯ ବ୍ୟବଧାନରେ ସଂଖ୍ୟା ଗରିଷ୍ଠତା ହାସଲ କରିବାର ଆକଳନ କରାଯାଇଛି । ଭାଷଣ ସମୟରେ ଟ୍ରମ୍ପ ଇରାନ ସହ ଚାଲିଥିବା ଯୁଦ୍ଧର ପକ୍ଷ ନେଇଛନ୍ତି । ସେ କହିଛନ୍ତି ଯେ, ଇରାନ ପରମାଣୁ ଅସ୍ତ୍ର ହାସଲ କରିବାରୁ ମାତ୍ର ଦୁଇ କିମ୍ବା ତିନି ସପ୍ତାହ ଦୂରରେ ଥିଲା, ଯେଉଁଥିପାଇଁ ତାଙ୍କୁ ଏହି ସଂଘର୍ଷ ଆରମ୍ଭ କରିବାକୁ ପଡ଼ିଥିଲା । ଏହି ଯୁଦ୍ଧ ଆମେରିକୀୟ ଅର୍ଥନୀତିକୁ ପ୍ରଭାବିତ କରୁଥିବା ସ୍ୱୀକାର କରି ସେ ରଣନୈତିକ ଭାବେ ଗୁରୁତ୍ୱପୂର୍ଣ୍ଣ 'ହୋର୍ମୁଜ ପ୍ରଣାଳୀ' ର ନାମ ନିଜ ନାମରେ ରଖିବାକୁ ପରାମର୍ଶ ଦେଇଛନ୍ତି । ଯୁଦ୍ଧରେ ବିଜୟ ଏବଂ ତେଲ ଦର ହ୍ରାସ ପାଇବା ନେଇ ସେ ଆଶା ପ୍ରକାଶ କରିଛନ୍ତି । ସେହିଭଳି ଆମେରିକାର ବାଣିଜ୍ୟିକ ଭାଗୀଦାରୀ ଦେଶଗୁଡ଼ିକ ଉପରେ ଲଗାଯାଇଥିବା ବ୍ୟାପକ ଶୁଳ୍କକୁ ମଧ୍ୟ ସେ ସମର୍ଥନ କରିଛନ୍ତି । ଟ୍ରମ୍ପ କହିଛନ୍ତି ଯେ, ବର୍ତ୍ତମାନ ଏହି ଶୁଳ୍କ କାରଣରୁ ଯେଉଁ ଆର୍ଥିକ ଅସ୍ଥିରତା ଦେଖାଦେଉଛି, ଭବିଷ୍ୟତରେ ଏହାର ଦୀର୍ଘସ୍ଥାୟୀ ଏବଂ ସକରାତ୍ମକ ପରିଣାମ ଦେଶ ପାଇଁ ଅତ୍ୟନ୍ତ ଲାଭଦାୟକ ହେବ ।

## ଆପଣଙ୍କ ମତାମତ



ମହାଶୟ,

ବିଭିନ୍ନ ସମୟରେ ବିଭିନ୍ନ ସମ୍ବାଦ ପତ୍ରମାନଙ୍କରେ ବିଭିନ୍ନ ଦୁଃଖ ଭରା କାହାଣୀମାନ ପ୍ରକାଶିତ ହୋଇଥାଏ ଯେ, ମଣିଷଟିଏ ଅନ୍ୟର ଆଶ୍ରା ଖୋଜୁଛି ବଞ୍ଚିବା ପାଇଁ କିମ୍ବା ଚିକିତ୍ସା ପାଇଁ କିମ୍ବା ଉଚ୍ଚ ଶିକ୍ଷା ପାଇଁ।

ସେହି ସମ୍ବାଦ-ପତ୍ରମାନେ ଏହି ଦୁଃଖଦ ସମ୍ବାଦମାନ ପ୍ରକାଶନ କରୁଥିବାରୁ ଧନ୍ୟବାଦର ପାତ୍ର କିନ୍ତୁ କୌଣସି ବଦାନ୍ୟ ବ୍ୟକ୍ତି ଯଦି କୌଣସି ଆର୍ଥିକ ସାହାଯ୍ୟ ଦେବାକୁ ଚାହାଁନ୍ତି ତେବେ, ନିରୁପାୟ, କାରଣ ସେହି ଦୁଃଖୀ ମଣିଷର କୌଣସି ଠିକଣା କିମ୍ବା ମୋବାଇଲ ନମ୍ବର ଦିଆ ଯାଇ ନଥାଏ। ଏ ଅବହେଳା, ମାନବିକତାର ପରିପନ୍ଥୀ।

ଏଣୁ ସମସ୍ତ ସମ୍ବାଦ ପତ୍ରମାନଙ୍କୁ ଅନୁରୋଧ ଯେ ସେମାନଙ୍କ ସାମ୍ବାଦିକମାନେ ଏଥି ପ୍ରତି ସମ୍ବେଦନାଶୀଳ ହୋଇ ଏ ତ୍ରୁଟି ସୁଧାରି ପାରିଲେ, ମାନବିକତାବାଦି ସମ୍ବାଦ ଗୁଡିକର ପ୍ରକୃତ ଉଦ୍ଦେଶ୍ୟ ସଫଳ ହେବ।

**ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ. IAS (Rtd)**
**ନୀଳାଦ୍ରି ବିହାର,**
**ଭୁବନେଶ୍ୱର**
**ମୋ -୯୪୩୯୪୯୦୦୦୯.**

# ଧର୍ମ ବିଶ୍ୱାସ ସହ ଆଲୋଚନାତ୍ମକ ଚିନ୍ତନ ଜରୁରୀ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର,
ମୋ:୯୪୩୮୪୮୫୦୯୪

ଧର୍ମ ମନୁଷ୍ୟ ଜୀବନରେ କେବଳ ପୂଜା-ପଦ୍ଧତି ବା କର୍ମକାଣ୍ଡର ବିଷୟ ନୁହେଁ। ଏହା ମନୁଷ୍ୟର ବିଶ୍ୱାସ, ସଂସ୍କୃତି, ନୈତିକତା, ପରମ୍ପରା ଏବଂ ଜୀବନ-ଦୃଷ୍ଟି ସହ ଯୋଡି ହୋଇଥିବା ବିଷୟ ଅଟେ। ଧର୍ମଗ୍ରନ୍ଥ ସବୁ କାହିଁ କେତେ ବର୍ଷ ପୂର୍ବରୁ ଲେଖା ହୋଇଥିଲେ ମଧ୍ୟ ସେ ସବୁ ସମାଜକୁ ନୈତିକ ମୂଲ୍ୟ, କର୍ତ୍ତବ୍ୟ, କରୁଣା, ସଂଯମ, ସତ୍ୟ ଏବଂ ପରୋପକାରର ସନ୍ଦେଶ ଦେଉଛି। ଏହି କାରଣରୁ କୋଟି କୋଟି ଲୋକ ଶ୍ରଦ୍ଧାର ସହ ଧାର୍ମିକ ଗ୍ରନ୍ଥ ପଢିଥାନ୍ତି ଏବଂ ସେଥିରୁ ନିଜର ଜୀବନ ପାଇଁ ପ୍ରେରଣା ନେଇଥାନ୍ତି କିନ୍ତୁ ଶ୍ରଦ୍ଧାର ଅର୍ଥ ଏହା ନୁହେଁ ଯେ କୌଣସି ବି ଧର୍ମଗ୍ରନ୍ଥ (ପୁସ୍ତକ)ରେ ଲିଖିତଥିବା ସମସ୍ତ କଥାକୁ ବିନା ପ୍ରଶ୍ନ କରାଯାଇ, ସନ୍ଦର୍ଭ ବାବଦରେ ନ ବୁଝି ଏବଂ ବିନା ତର୍କରେ ସ୍ୱୀକାର କରାଯିବ। ଆମ ସମାଜରେ ସାଧାରଣତଃ ଏକ ପ୍ରବୃତ୍ତି ଦେଖାଯାଉଛି ଯେ ଯଦି କୌଣସି ଧର୍ମଗ୍ରନ୍ଥର କୌଣସି ପ୍ରସଙ୍ଗ ଉପରେ କେହି ପ୍ରଶ୍ନ ଉଠାଉଛି ସେତେବେଳେ ପ୍ରଶ୍ନର ଉତ୍ତର ବାବଦରେ କେହି କେବେ ଚର୍ଚ୍ଚା କରୁନାହାଁନ୍ତି ବରଂ ପ୍ରଶ୍ନ ଉଠାଇଥିବା ବ୍ୟକ୍ତିକୁ ପାଲଟା ପ୍ରଶ୍ନ କରାଯାଉଛି ଓ ତାଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖାଯାଉଛି। ପ୍ରଶ୍ନ ପଚାରିଥିବା ବ୍ୟକ୍ତିଙ୍କୁ ଧର୍ମ ବିରୋଧି, ପରମ୍ପରା ବିରୋଧି ଏପରିକି ସମାଜ-ବିରୋଧି ବୋଲି କୁହାଯାଉଛି। ଏହା ଦ୍ୱାରା କଠୋରତା ବଢୁଛି। ଯଦି କୌଣସି ପ୍ରଶ୍ନର ଉତ୍ତର ଉପଲବ୍ଧ ତେବେ ଶାନ୍ତି ପୂର୍ବକ ପ୍ରଶ୍ନକର୍ତ୍ତାଙ୍କୁ ବୁଝାଇ ଦିଆଯିବା ଦରକାର। ଯଦି କୌଣସି ପ୍ରସଙ୍ଗ ବା କଥନର ଭିନ୍ନ ଭିନ୍ନ ବ୍ୟାଖ୍ୟା ହୋଇଥାଏ ତେବେ ତା ଉପରେ ଚର୍ଚ୍ଚା କରାଯିବା ଆବଶ୍ୟକ। ଯଦି କୌଣସି ପ୍ରସଙ୍ଗ ଐତିହାସିକ ସନ୍ଦର୍ଭରେ ଥାଏ ତେବେ ତାର ସନ୍ଦର୍ଭକୁ ବୁଝିବା ଓ ବୁଝାଇବା ମଧ୍ୟ ଜରୁରୀ।

ଧାର୍ମିକ ଗ୍ରନ୍ଥକୁ ତାର ସମୟ ଏବଂ ପରିସ୍ଥିତିରୁ ଉର୍ଦ୍ଧ୍ୱରେ ରଖି ପଢ଼ିବା ମଧ୍ୟ ସମସ୍ୟା ସୃଷ୍ଟି କରିପାରେ। ସଂପୃକ୍ତ ଧର୍ମଗ୍ରନ୍ଥ ଯେଉଁ ସମୟରେ ଲେଖା ଯାଇଥିଲା ସେ ସମୟରେ ସମାଜର ସ୍ଥିତି ଓ ଅବସ୍ଥା ଯାହା ଥିଲା ଆଜି ଏବେ ସମାଜ ସେଇ ଅବସ୍ଥାରେ ନାହିଁ। ସେ ସମୟର ସାମାଜିକ ସଂରଚନା, ଶାସନ ବ୍ୟବସ୍ଥା, ଶିକ୍ଷା, ବିଜ୍ଞାନ, ପରିବାର ବ୍ୟବସ୍ଥା ଏବଂ ଆର୍ଥୀକ ପରିସ୍ଥିତି ଭିନ୍ନ ଥିଲା। ଏଣୁ ଧର୍ମଗ୍ରନ୍ଥ ମାନଙ୍କର ପ୍ରାଚୀନ କଥନର ଅର୍ଥ ବୁଝିବା ପାଇଁ ତାର ମୂଳ ସନ୍ଦର୍ଭ, ଭାଷା, ପ୍ରତୀକ ଏବଂ ସେ ସମୟର ସାମାଜିକ ପରିସ୍ଥିତିକୁ ମଧ୍ୟ ବୁଝିବା ଆବଶ୍ୟକ। ବର୍ତ୍ତମାନ ସମୟରେ ସେଇ କଥନର ଶାବ୍ଦିକ ବ୍ୟାଖ୍ୟା କରାଗଲେ ଅନେକ ସମୟରେ ମୂଳ ସନ୍ଦର୍ଭ ପୁରାପୁରି ଭିନ୍ନ ଥିବାଭଳି ଧାରଣା ମଧ୍ୟ ସୃଷ୍ଟି ହୋଇପାରେ। ଏଣୁ ଧାର୍ମିକ ଗ୍ରନ୍ଥ ବା ପୁସ୍ତକର ଅଧ୍ୟୟନ କେବଳ ଶ୍ରଦ୍ଧାରେ ନୁହେଁ ବରଂ ଜ୍ଞାନ, ଇତିହାସ, ଭାଷା ଏବଂ ଦର୍ଶନର ଦୃଷ୍ଟିରେ ହେବା ଆବଶ୍ୟକ। ଶ୍ରଦ୍ଧା ମନୁଷ୍ୟକୁ ପ୍ରେରଣା ଦେଇଥାଏ ଯଦିଓ ତାକୁ ସଠିକ ଅର୍ଥରେ ବୁଝିବାରେ ସହାୟତା କରିଥାଏ। ଉଭୟର ସନ୍ତୁଳନ ସମାଜକୁ ଅଧିକ ପରିପକ୍ୱ କରାଇଥାଏ। ସବୁଠାରୁ ସମ୍ବେଦନଶୀଳ ବିଷୟ ସେତେବେଳେ ସାମନାକୁ ଆସେ ଯେତେବେଳେ କୌଣସି ଧାର୍ମିକ କଥନର ବ୍ୟାଖ୍ୟାର ଆଧାରରେ ସ୍ତ୍ରୀ-ପୁରୁଷ ଅସମାନତା, ଜାତିଗତ ଭେଦଭାବ, ଅସ୍ପୃଶ୍ୟତା, ହିଂସା, ସାମାଜିକ ବହିଷ୍କାର ବା କୌଣସି ବର୍ଗ ପ୍ରତି ଘୃଣାକୁ ଉଚିତ ବୋଲି ମାନିନେବାକୁ ପ୍ରୟାସ କରାଯାଇଥାଏ। ଆଧୁନିକ ଗଣତାନ୍ତ୍ରିକ ସମାଜର ମୂଳଦୁଆ ହେଉଛି ସମାନତା, ସ୍ୱତନ୍ତ୍ରତା, ଗରିମା ଏବଂ ନ୍ୟାୟ। ଏଣୁ କୌଣସି ବି ବ୍ୟାଖ୍ୟା ଯଦି ମନୁଷ୍ୟର ଗରିମାକୁ ହ୍ରାସ କରେ ତେବେ ତା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ।

ସମାଜରେ ଧାର୍ମିକ ଶିକ୍ଷାର ଉଦ୍ଦେଶ୍ୟ ବ୍ୟକ୍ତି କ'ଣ ମାନୁଛି ହେବା ଉଚିତ୍ ନୁହେଁ ବରଂ କାହିଁକି ମାନୁଛି ହେବା ଉଚିତ୍। କେହି ଯଦି ପ୍ରଶ୍ନ କରେ ତେବେ ତାର ବିଶ୍ୱାସ ସମାପ୍ତ ହୋଇଯାଇଛି ବୋଲି ଭାବିବା ପରିବର୍ତ୍ତେ ତାର ବିଚାର ଶକ୍ତି ଗଭୀର ଓ ସେ ଅଧିକ କିଛି ଜାଣିବାକୁ ଚାହୁଁଛି ବୋଲି ଭାବିବା ଉଚିତ୍। ଯେଉଁ ବିଶ୍ୱାସକୁ ପ୍ରଶ୍ନକୁ ନେଇ ଡ଼ରଲାଗେ ସେଇ ବିଶ୍ୱାସ ଦୁର୍ବଳ ହୋଇପାରେ କିନ୍ତୁ ଯେଉଁ ବିଶ୍ୱାସ ପ୍ରଶ୍ନକୁ ସାମନା କରିପାରେ ସେ ବିଶ୍ୱାସ ଅଧିକ ପରିପକ୍ୱ ଏବଂ ମଜଭୁତ ହୋଇଥାଏ। ଆଜିର ଡ଼ିଜିଟାଲ ଯୁଗରେ ଏସବୁ ବିଷୟ ଅଧିକ ମହତ୍ୱପୂର୍ଣ୍ଣ ହୋଇଯାଇଛି। ସାମାଜିକ ଗଣ ମାଧ୍ୟମରେ ଧାର୍ମିକ ପୁସ୍ତକ ନାମରେ ଅଧାପନ୍ତରିଆ ଉଦାହରଣ, ତ୍ରୁଟିପୂର୍ଣ୍ଣ ଅନୁବାଦ ଏବଂ ସନ୍ଦର୍ଭରେ ନଥିବା କଥନ ସବୁ ଅଧିକ ଭାବରେ ପ୍ରସାରିତ ହେଉଛି। ଲୋକମାନେ ଅନେକ ସମୟରେ ମୂଳ ଗ୍ରନ୍ଥର କଥନକୁ ନଦେଖି ସାମାଜିକ ଗଣ ମାଧ୍ୟମର ତ୍ରୁଟିପୂର୍ଣ୍ଣ କଥାକୁ ସତ୍ୟବୋଲି ମାନି ନେଉଛନ୍ତି। ଏହି କାରଣରୁ ଧାର୍ମିକ ବିବାଦ ସୃଷ୍ଟି ହେଉଛି ଏବଂ ସାମାଜିକ ବିଦ୍ୱେଷ ବଢୁଛି। ଏଣୁ ମୂଳ ଗ୍ରନ୍ଥ, ଏହାର ସଠିକ ଅନୁବାଦ ଏବଂ ଏହାର ସନ୍ଦର୍ଭକୁ ଦେଖାଯିବା ପରେ ପ୍ରସାରିତ ତଥ୍ୟ ଉପରେ ବିଶ୍ୱାସ ବା ଅବିଶ୍ୱାସ କରାଯିବା ଆବଶ୍ୟକ। ଧାର୍ମିକ ଗ୍ରନ୍ଥର କୌଣସି କଥନ ଉପରେ ପ୍ରଶ୍ନ ଉଠାଇବା ପୂର୍ବରୁ ସେ ବାବଦରେ ପ୍ରମାଣ, ସନ୍ଦର୍ଭ ଏବଂ ତର୍କ ମଧ୍ୟ ଉପସ୍ଥାପନ କରାଯିବା ଜରୁରୀ। କୌଣସି ଧାର୍ମିକ ଗୋଷ୍ଠୀଙ୍କୁ ଅପମାନିତ କରିବା ବା ଧାର୍ମିକ ଭାବନା ଉପରେ ତ୍ରୁଟିପୂର୍ଣ୍ଣ ମନ୍ତବ୍ୟ ଦେବା ଆଲୋଚନାତ୍ମକ ଚିନ୍ତନ ନୁହେଁ। ଏହା କେବଳ ବିବାଦ ସୃଷ୍ଟି କରିଥାଏ। ସମାଜ ବଦଳୁଛି, ଭାଷା ବଦଳୁଛି ଏବଂ ପ୍ରଶ୍ନ ମଧ୍ୟ ବଦଳୁଛି। ଯଦି କୌଣସି ପୁରୁଣା ବ୍ୟାଖ୍ୟା ଆଜିର ସନ୍ଦର୍ଭରେ ସମସ୍ୟା ସୃଷ୍ଟି କରୁଛି ତେବେ ତା ଉପରେ ପୁନଃ ବିଚାର କରିବା ଧର୍ମର ଅବମାନନା ନୁହେଁ ବରଂ ଏହାର ଜୀବନ୍ତତାର ସଙ୍କେତ ହୋଇପାରେ।

ଧାର୍ମିକ ପରମ୍ପରାରେ ଆତ୍ମମନ୍ଥନର ପରମ୍ପରା ରହିଛି। ସାଧୁସନ୍ଥ, ଦାର୍ଶନିକ ଏବଂ ସମାଜ ସୁଧାରକମାନେ ସମୟ ସମୟରେ ଅନେକ ପ୍ରଶ୍ନ ଉଠାଇଥାନ୍ତି। ସେମାନେ ସମାଜକୁ ଏକଥା ସୂଚାଇ ଥାନ୍ତି ଯେ ଧର୍ମର ମୂଳ ଉଦେଶ୍ୟ ସମାଜକୁ ଜୋଡିବା, ନୈତିକତାର ଶିକ୍ଷା ଦେବା ଏବଂ ସମାଜ (ମନୁଷ୍ୟ) ଭିତରେ କରୁଣା ଭାବ ସୃଷ୍ଟି କରିବା। ମନୁଷ୍ୟଠାରୁ ଭିନ୍ନ କରିବା ଧର୍ମର ଉଦ୍ଦେଶ୍ୟନୁହେଁ। ଏ ପ୍ରସଙ୍ଗରେ ଏକ ବ୍ୟାପକ ସିଦ୍ଧାନ୍ତ ହେଉଛି ଯେଉଁ କଥା ମାନବତା, କରୁଣା, ସତ୍ୟ, ନ୍ୟାୟ ଏବଂ ସମାନତାକୁ ମଜଭୁତ କରିଥାଏ ତାକୁ ସ୍ୱୀକାର କରିବାରେ ସଙ୍କୋଚ ହେବା ଉଚିତ୍ ନୁହେଁ ଏବଂ ଯାହା ଏସବୁ ମୂଲ୍ୟର ବିରୋଧି ତା ଉପରେ ପ୍ରଶ୍ନ ଉଠାଇବାକୁ ଡ଼ରିବା ମଧ୍ୟ ଉଚିତ ନୁହେଁ। ଏହି ଦୃଷ୍ଟିକୋଣ କୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମ ପାଇଁ ନୁହେଁ, ସବୁଧର୍ମ ପାଇଁ। ଚୟାନାତ୍ମକ ଆଲୋଚନା ନିରପେକ୍ଷ ନୁହେଁ। ବାସ୍ତବିକ ବୌଦ୍ଧିକ ସ୍ୱତନ୍ତ୍ରତାର ଅର୍ଥ ହେଉଛି ସବୁ ବିଚାରକୁ ସମାନ ତର୍କର ଆଧାରରେ ପରଖାଯାଏ। ଏକଥା ମଧ୍ୟ ବୁଝିବା ଉଚିତ ଯେ ଧାର୍ମିକ ପୁସ୍ତକ କେବଳ ଏକ ଐତିହାସିକ ଦସ୍ତାବିଜ୍ ନୁହେଁ ଏହା କୋଟି କୋଟି ଲୋକଙ୍କ ଭାବନା ସହ ଯୋଡି ହୋଇଛି। ଏଣୁ ଧର୍ମ ବା ଧାର୍ମିକ ଗ୍ରନ୍ଥ ବାବଦରେ ଆଲୋଚନା କଲାବେଳେ ଭାଷାର ସଂଜମତା ଆବଶ୍ୟକ। ଅପମାନଜନକ ଶବ୍ଦ ବିନା କଠୋର ପ୍ରଶ୍ନ ମଧ୍ୟ ପଚରାଯାଇପାରେ। କୌଣସି ବିଚାର ଉପରେ ଅସହମତି ପ୍ରକାଶ କରାଯାଇପାରେ କିନ୍ତୁ ସଂପୃକ୍ତ ବିଚାରକୁ ମାନୁଥିବା ଲୋକଙ୍କୁ ନିଚା ଦେଖାଇବା ଅନୁଚିତ। ଏହା ହେଉଛି ସଭ୍ୟ ସମାଜର ପରିଚୟ। ଧର୍ମ ଏବଂ ଆଲୋଚନାତ୍ମକ ଚିନ୍ତନକୁ ପରସ୍ପର ବିରୋଧି ଭାବିବା ଭୁଲ ଅଟେ। ଆସ୍ଥା ବ୍ୟକ୍ତିର ନିଜସ୍ୱ ବିଶ୍ୱାସ ହୋଇପାରେ କିନ୍ତୁ ଯେତେବେଳେ କୌଣସି ଧାର୍ମିକ ବିଚାରର ବ୍ୟାଖ୍ୟା ସାର୍ବଜନୀକ ଜୀବନ ଆଇନ୍, ଶିକ୍ଷା, ସାମାଜିକ ସମ୍ପର୍କ ଅଥବା ନାଗରିକ ଅଧିକାରକୁ ପ୍ରଭାବିତ କରିଥାଏ ସେତବେଳେ ସେଇ ବିଚାର ଉପରେ ସାର୍ବଜନୀକ ବିମର୍ଶ ସ୍ୱାଭାବିକ ଏବଂ ଆବଶ୍ୟକ ହୋଇଥାଏ। ଗଣତନ୍ତ୍ରରେ କୌଣସି ବିଚାରକୁ ଧାର୍ମିକ ସନ୍ଦର୍ଭରେ ଆଲୋଚନା ମୁକ୍ତ କରାଯାଇ ପାରିବ ନାହିଁ।

# "ଭର୍ଚୁଆଲ୍ ଅଟିଜିମ୍" - ବେଳ ହୁଁ ସାବଧାନ



କବିତା ମହାନ୍ତି
ଶୈଳ ନିବାସ, ନିଗମାନନ୍ଦ ନଗର
ଭୁବନେଶ୍ୱର
ମୋ-୯୯୩୭୩୪୮୨୫୦

ଅନେକ ଦିନ ତଳେ ଏୟାରପୋର୍ଟରେ ଅପେକ୍ଷା କରିଥିବା ବେଳେ ଦେଖିଥିଲି ଯେ ଆଜିକାଲି ଯୁଗର ଉଚ୍ଚ ଶିକ୍ଷିତା ଚାକିରି କରୁଥିବା ଝିଅଟି ନିଜ ଫୋନ୍‌ରେ ବ୍ୟସ୍ତ। ତାର ବେଶ ପୋଷାକ, ଫୋନ୍‌ରେ କଥା ବାର୍ତ୍ତାରୁ ଜଣା ପଡୁଥିଲା ଯେ ସେ ନିଶ୍ଚିତ କୌଣସି ଏକ ଉଚ୍ଚ ପଦବୀରେ କେଉଁ ଏକ ବଡ ଆଇଟି କମ୍ପାନୀରେ କାର୍ଯ୍ୟରତ। ତାର ସ୍ୱାମୀ ଦୁଇ ବର୍ଷ ଭଳି ଦିଶୁଥିବା ପୁଅଟିକୁ ଏଆଡ଼େ ସେଆଡେ ବୁଲାଉ ଥାଆନ୍ତି। ପିଲାଟି ତାର ପାପା ପାଖରୁ ଖସି ଆସି ମାମା ପାଖକୁ ଦୌଡି ଆସି ମାଆ ପାଖରେ ଗୁଞ୍ଜି ହେବାକୁ ଚାହୁଁ ଥାଏ। ଉଚ୍ଚ ଶିକ୍ଷିତା ମାଆ ପୁଣି ପୁଅକୁ ତାର ପାପା ପାଖକୁ ଯିବା ପାଇଁ କହି ଫୋନ୍‌ରେ ବ୍ୟସ୍ତ ଥାଏ। ଫୋନରେ ଅଫିସ୍ କାମରେ ବ୍ୟସ୍ତ ଥାଏ ଅବା ସମୟ କଟେଇବା ପାଇଁ ଅନ୍ୟ କିଛି ଦେଖୁଥାଏ, ସେକଥା ଜାଣି ପାରିଲିନି। ପିଲାଟି ତାର ପାପା ପାଖକୁ ଯିବାକୁ ଇଚ୍ଛା କରୁ ନଥାଏ ଏବଂ ବାରବାର ମାମାକୁ ଆସି ବ୍ୟସ୍ତ କରି ମାଆର ସମୟ ଟିକେ ଚାହୁଁ ଥାଏ। ଏହି ସମୟରେ ଆଧୁନିକା ଝିଅଟି ଛୋଟ ପୁଅକୁ ନିଜ ବ୍ୟାଗ୍‌ରୁ ଏକ ଟ୍ୟାବ୍ ବାହାର କରି କାର୍ଟୁନ୍ ଲଗାଇ ଦେଖିବା ପାଇଁ ଟ୍ୟାବ୍ ଧରାଇ ଦେଲେ ଏବଂ ନିଜ ଫୋନ୍‌ରେ ପୁଣି ବ୍ୟସ୍ତ ରହିଲେ । ସେ ସମୟରେ ମୋତେ ଲାଗିଥିଲା ଯେ ଏହା ବୋଧେ ଆଜିକାଲି ଯୁବ ସମାଜର ନୂଆ ଜୀବନ ଶୈଳୀ । କିଛି ଦିନ ପରେ ଆଉ ଜଣେ ଉଚ୍ଚ ଶିକ୍ଷିତ ଚାକିରି କରୁଥିବା ଝିଅକୁ ଭେଟିଲି ଯିଏ କହିଲେ ଯେ ଫୋନ୍‌ରେ କୋକୋ ମେଲନର ଗୀତ ନଶୁଣିଲେ ପିଲା ତାଙ୍କର ଖାଏନି। ଫୋନ୍ ଦେଖିଲେ ସେ ଫଟାଫଟ ଖାଇଦିଏ । ସେଥିପାଇଁ ସେ ଫୋନ୍ ଧରାଇ ଦିଅନ୍ତି। ଏମିତି ଅନେକ ଜାଗାରେ ବିଭିନ୍ନ ପରିସ୍ଥିତିରେ ଛୋଟ ଛୁଆ ମାନଙ୍କର ମୋବାଇଲ ଫୋନ୍ ଓ ଟ୍ୟାବ୍ ପ୍ରତି ବଢୁଥିବା ଆକର୍ଷଣ ନିଜ ବାପା ମାଆଙ୍କ ଠାରୁ ଅତି ଅଧିକ ବୋଲି ପ୍ରତ୍ୟୟ ହୋଇଥିଲା।

ଏବେ ଏବେ ଆଉ ଏକ ଦୃଶ୍ୟ ଦେଖି ମନଟା ସତରେ ଖରାପ ହୋଇଗଲା। ଘର ଆଗରେ ଭଡ଼ା ନେଇ ରହୁଥିବା ଝିଅଟି ବାବୁ ଘର ମାନଙ୍କୁ କାମ କରିବାକୁ ଗଲା ବେଳେ ଦୁଇଟି ପିଲାଙ୍କୁ ଘର ଭିତରେ ରଖି ସ୍ମାର୍ଟ ଫୋନଟି ଧରେଇ ଦେଇ ଯାଉଛି। ପାଖରେ ମୁଢ଼ି ଓ ବିସ୍କୁଟର କଂସା।

ଏମିତି ଗୋଟିଏ, ଦୁଇଟି ଅବା ତିନିଟି ଉଦାହରଣ ନୁହେଁ। ଘରେ ଘରେ ଆଜି ପିଲା ମୋବାଇଲ୍, ଟିଭି, ଟ୍ୟାବଲେଟ, ସ୍କ୍ରିନ୍‌ରେ ଅଧିକ ଆକର୍ଷିତ । ଆଜିର ଯୁବ ସମାଜ ଚାକିରି, ପଇସା ପାଇଁ ବ୍ୟସ୍ତ ଥିବା ସମୟରେ ପିଲାକୁ ସମୟ ଦେଇ ପାରୁ ନାହାଁନ୍ତି। ଫଳତଃ ବିକଳ୍ପ ହୋଇଛି ମୋବାଇଲ୍, ଟ୍ୟାବଲେଟ , ସ୍କ୍ରିନ୍ । ପିଲାଙ୍କ ଜଞ୍ଜାଳରୁ ମୁକ୍ତି ପାଇବା ପାଇଁ ବିକଳ୍ପ ଦେଇ ପାରିଛନ୍ତି ସତ , କିନ୍ତୁ ବଦଳରେ ପାଇଛନ୍ତି ପିଲାର ବ୍ୟବହାର, ଚାଲି ଚଳନରେ ବିଲକ୍ଷଣ। ଯେମିତି କି ପିଲାର ଠିକ୍ ସମୟରେ କଥା କହି ପାରିବା, ସାମାଜିକ ଚାଲିଚଳନରୁ ଦୂରେଇ ରହିବା, କାହାର ମୁହଁକୁ ସାମ୍ନା ସାମ୍ନା ନଦେଖିବା, କୌଣସି ପ୍ରତିକ୍ରିୟା ନଦେଖାଇବା, ଏମିତି କିଛି ଲକ୍ଷଣ ଦେଖାଯାଏ । ଆଜିର ଶିଶୁ ମାନଙ୍କ ଭିତରେ ଦେଖାଯାଉଥିବା ଏହି ପ୍ରକାର ଅଟିଜମ୍ ସଦୃଶ୍ୟ ଲକ୍ଷଣକୁ 'ଭର୍ଚୁଆଲ୍ ଅଟିଜମ୍' ବୋଲି ଗବେଷକ ମାନେ କହିଛନ୍ତ।

କେଉଁ ପ୍ରକାରର ଲକ୍ଷଣ ଦେଖାଯାଇପାରେ ?

ଅତ୍ୟଧିକ ସ୍କ୍ରିନ୍ ବ୍ୟବହାର କରୁଥିବା କେତେକ ଶିଶୁଙ୍କଠାରେ—

୧.କଥା କହିବାରେ ବିଳମ୍ବ ହୋଇପାରେ।
୨.ଅନ୍ୟମାନଙ୍କ ସହ ଚକ୍ଷୁ ସମ୍ପର୍କ କମିପାରେ।
୩.ନାମ ଡାକିଲେ ପ୍ରତିକ୍ରିୟା କମ୍ ଦେଖାଯାଇପାରେ।
୪.ଅନ୍ୟ ପିଲାଙ୍କ ସହ ଖେଳିବା ବା ମିଶିବା ପ୍ରତି ଆଗ୍ରହ କମିପାରେ।
୫.ଧ୍ୟାନ ଧରି ରଖିବାରେ ଅସୁବିଧା ହୋଇପାରେ।
୬.ସ୍କ୍ରିନ୍ ହଟାଇଲେ ଅସନ୍ତୋଷ ବା ରାଗ ଦେଖାଇପାରନ୍ତି।
୭.ବାସ୍ତବ ଖେଳ ଓ ପରିବେଶ ଅପେକ୍ଷା ସ୍କ୍ରିନ୍ ପ୍ରତି ଅଧିକ ଆକର୍ଷଣ ଦେଖାଯାଇପାରେ।
୮.ଘୁମ ଓ ଦୈନନ୍ଦିନ ଅଭ୍ୟାସ ପ୍ରଭାବିତ ହୋଇପାରେ।

କିନ୍ତୁ ଏହି ଲକ୍ଷଣଗୁଡ଼ିକ ଥିଲେ ଶିଶୁଟି "ଭର୍ଚୁଆଲ୍ ଅଟିଜମ୍'' ରେ ଆକ୍ରାନ୍ତ ବୋଲି ଭାବିବାକୁ ହେବ।

ସମସ୍ୟାଟି କାହିଁକି ଗୁରୁତ୍ୱପୂର୍ଣ୍ଣ ?

ଶିଶୁର ମସ୍ତିଷ୍କର ବିକାଶ ପାଇଁ କେବଳ ସ୍କ୍ରିନ୍‌ରୁ ମିଳୁଥିବା ଚିତ୍ର ଓ ଶବ୍ଦ ଯଥେଷ୍ଟ ନୁହେଁ। ଶିଶୁର ଭାଷା ଓ ସାମାଜିକ ଦକ୍ଷତା ବିକଶିତ ହେବା ପାଇଁ ମାତାପିତାଙ୍କ ସହ କଥାବାର୍ତ୍ତା, ମୁହାଁମୁହିଁ ଯୋଗାଯୋଗ, ଖେଳ, ଗଳ୍ପ ଶୁଣିବା, ପ୍ରଶ୍ନ କରିବା ଓ ପ୍ରକୃତି ସହ ମିଶିବା ଅତ୍ୟନ୍ତ ଆବଶ୍ୟକ। ଯଦି ସ୍କ୍ରିନ୍ ଏହି ସବୁ ସ୍ୱାଭାବିକ ଅନୁଭୂତି ଓ ଅଭିଜ୍ଞତାର ସ୍ଥାନ ନେଇନିଏ, ତେବେ ଶିଶୁର ସଂପୂର୍ଣ୍ଣ ମାନସିକ ବିକାଶ ହୋଇ ପାରେ ନାହିଁ।

ଏଥିରୁ କିପରି ଦୂରେଇବା ?

ଆଜିକା ଦିନରେ ପିଲାଙ୍କୁ ସ୍କ୍ରିନ୍‌ଠାରୁ ସମ୍ପୂର୍ଣ୍ଣ ଦୂରେଇ ରଖିବା ସବୁବେଳେ ସମ୍ଭବ ନୁହେଁ। ଛୋଟ ପିଲା ମାନଙ୍କର ସ୍କୁଲରେ ବି ସ୍କ୍ରିନ୍ ବ୍ୟବହାର ହେଉଛି। ତେଣୁ ମୁଖ୍ୟ କଥା ହେଉଛି ସ୍କ୍ରିନ୍‌ର ସମୟ, ବିଷୟବସ୍ତୁ ଓ ବ୍ୟବହାରର ପ୍ରକାରକୁ ନିୟନ୍ତ୍ରଣ କରିବା।

ମାତାପିତାଙ୍କ ଦାୟିତ୍ୱ କଣ ?

୧.ବୟସ ଅନୁଯାୟୀ ସ୍କ୍ରିନ୍ ସମୟର ସୀମା ରଖନ୍ତୁ।
୨.ଖାଇବା ସମୟରେ ସ୍କ୍ରିନ୍ ଦେଖାଇବା ଅଭ୍ୟାସ ଏଡ଼ାନ୍ତୁ।
୩.ଶୋଇବା ପୂର୍ବରୁ ସ୍କ୍ରିନ୍ ଦେଖିବା ଆଦୌ ଉଚିତ ନୁହେଁ।
୪.ପିଲା ସ୍କ୍ରିନ୍‌ରେ କ'ଣ ଦେଖୁଛି ତାହା ଧ୍ୟାନ ଦିଅନ୍ତୁ।
୫.ସମ୍ଭବ ହେଲେ ପିଲା ସହିତ ମିଶି ଦେଖନ୍ତୁ ଓ ବିଷୟବସ୍ତୁ ବିଷୟରେ କଥା ହୁଅନ୍ତୁ।
୬.ଗଳ୍ପ କହିବା, ବହି ପଢ଼ିବା, ଚିତ୍ର ଆଙ୍କିବା, ଗୀତ ଗାଇବା ଓ ବାହାରେ ଖେଳିବା ପାଇଁ ସମୟ ଦିଅନ୍ତୁ।
୭.ପିଲା ସହିତ ମୁହାଁମୁହିଁ କଥାବାର୍ତ୍ତା ବଢ଼ାନ୍ତୁ।
୮.ସ୍କ୍ରିନ୍ କମାଇବା ସହିତ ପିଲାକୁ ଭଲ ବିକଳ୍ପ ଦିଅନ୍ତୁ—ଯେପରିକି ଖେଳନା, ବହି, ଗଳ୍ପ ଓ ପରିବାର ସହ ସମୟ।

ଯଦି ଶିଶୁର କଥା କହିବା, ଶୁଣି ବୁଝିବା, ନାମ ଡାକିଲେ ପ୍ରତିକ୍ରିୟା, ଚକ୍ଷୁ ସମ୍ପର୍କ, ସାମାଜିକ ମିଶାମିଶି କିମ୍ବା ବିକାଶକୁ ନେଇ ଚିନ୍ତା ରହେ, ତେବେ କେବଳ "ଅଧିକ ମୋବାଇଲ୍ ଦେଖୁଛି" ବୋଲି କହି ଅବହେଳା କରିବା ଉଚିତ ନୁହେଁ। ଶିଶୁର ଶିଶୁରୋଗ ବିଶେଷଜ୍ଞ କିମ୍ବା ବିକାଶମୂଳକ ବିଶେଷଜ୍ଞଙ୍କ ପରାମର୍ଶ ନେବା ଭଲ। ବିସ୍ତୃତ ଭାବେ ଚିନ୍ତା କଲେ ଦେଖାଯିବ ଯେ ଆଜିକାଲିର ଏକକ ପରିବାର ଚଳଣିରେ ପିଲାମାନେ ଜେଜେ ବାପା ଜେଜେ ମାଆଙ୍କ ସ୍ନେହ ଶ୍ରଦ୍ଧାରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କୁ ଜହ୍ନ ମାମୁଁ ଗପ ଶୁଣାଇବ କିଏ ? ସେମାନଙ୍କର ଅସରନ୍ତି ପ୍ରଶ୍ନର ଉତ୍ତର ଦେବ କିଏ ? ତେଣୁ ଶିଶୁର ସମ୍ପୂର୍ଣ୍ଣ ସୁସ୍ଥ ମାନସିକ ଓ ଶାରୀରିକ ବିକାଶ ପାଇଁ ଏକ ହସ ଖୁସିର ପରିବାର ଯଥା ବାପା ମାଆ, ଜେଜେ, ଜେଜେ ମାଆଙ୍କର ଆବଶ୍ୟକତା ରହିଛି। ଘରର ସମସ୍ତ ସଦସ୍ୟଙ୍କ ସ୍ନେହ, ସୌହାର୍ଦ୍ଦ୍ୟ, ସହଯୋଗରେ ଶିଶୁଟିଏ ଏକ ସୁସ୍ଥ, ସାମାଜିକ ଜୀବନର ଅଧିକାରୀ ହୋଇ ପାରିବ । ବେଳହୁଁ ସାବଧାନ ହେଲେ ହିଁ ପରିବାରର ସହାୟତାରେ ଶିଶୁଟିର ସଂପୂର୍ଣ୍ଣ ମାନସିକ ବିକାଶ ସମ୍ଭବ ହୋଇ ପାରିବ ।

# ସ୍ୱାଧୀନତା ଦିବସ କେବଳ ଗୋଟିଏ ମୁଖ ରୋଚକ ଶବ୍ଦଟିଏ ମାତ୍ର-(୨)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ରୋଲାଁଙ୍କ ନିକଟରେ ଅବସ୍ଥାନ କରିବା ସମୟରେ ଦିନେ ରୋଲାଁ ମହାତ୍ମାଙ୍କୁ ପଚାରିଲେ, ଭାରତ ପ୍ରତ୍ୟାବର୍ତ୍ତନ ପୂର୍ବରୁ ଆପଣ ଆଉ କେଉଁଠିକୁ ଯିବା ପାଇଁ ମନସ୍ଥ କରିଛନ୍ତି ? ଗାନ୍ଧୀ ତାଙ୍କ ବକ୍ତବ୍ୟରେ କହିଲେ ରୋମ୍ ମହାନଗରୀକୁ ଯିବି ଓ ସେଠାରେ ଏକଛତ୍ରବାଦୀ ଶାସକ ମୁସୋଲିନ୍ ଓ ଧର୍ମଗୁରୁ ପୋପଙ୍କୁ ଭେଟିବି । ମୁସୋଲିନ ମଧ୍ୟ ମୋ ସହ ଭେଟହେବା ପାଇଁ ଉତ୍କଣ୍ଠିତ । ଏହି କଥା ଶୁଣିବା ମାତ୍ରକେ ରୋଲାଁ ଆଶ୍ଚର୍ଯ୍ୟ ହୋଇ କହିଲେ ମହାତ୍ମାଜୀ ଆପଣ ରୋମକୁ ଯାଆନ୍ତୁ ନାହିଁ, କାହିଁକି ନା ମୁସୋଲିନ୍ ହେଉଛନ୍ତି ଜଣେ ନିଷ୍ଠୁର ଏକଛତ୍ରବାଦୀ ଶାସକ ସେ ଆପଣଙ୍କର ସ୍ୱାଧୀନ ଚେତନାକୁ ଅପହରଣ କରି ଗୋଟିଏ ମୁହୂର୍ତ୍ତ ସୁଦ୍ଧା ରହିପାରିବେ ନାହିଁ । ଗାନ୍ଧୀଜୀ କହିଲେ ସ୍ୱାଧୀନତା ହେଉଛି ମୋର ନିଜସ୍ୱ । ତାକୁ ଯଦି ଅନ୍ୟକୁ ନିୟନ୍ତ୍ରଣ କରିବା ପାଇଁ ଅନୁମତି ନଦିଏ ତାକୁ ଅପହରଣ କରିବ କିଏ ? ପୁନର୍ବାର ରୋଲାଁ ସତର୍କ କରାଇ ଗାନ୍ଧୀଜୀଙ୍କୁ କହିଲେ ଯେ ଆପଣ ଯେଉଁ ସ୍ୱାଧୀନତାକୁ ନିଜସ୍ୱ ବୋଲି ବିଚାରୁଛନ୍ତି, ଇଟାଲିରେ ପହଞ୍ଚିବା ପରେ ସେଠାକାର ଫାସିଷ୍ଟ ସରକାର ସେ ସ୍ୱାଧୀନ ସମ୍ପତ୍ତିକୁ ଅତ୍ୟନ୍ତ କୁତ୍ସିତ ମାନସିକତାରେ ଅପବ୍ୟବହାର କରିବେ, ଗାନ୍ଧୀଜୀ ତାଙ୍କ ସ୍ୱଭାବ ସୁଲଭ ଭଙ୍ଗୀରେ କହିଲେ ମୁସୋଲିନ ଯଦି ମୋ ଚତୁଃପାର୍ଶ୍ୱରେ ଲୋକ ଘେରାଉ କରି ରଖେ, ତେବେ ସେ ଘେରକୁ ମୁଁ ଅକ୍ଳେଶରେ ଭାଙ୍ଗିଦେଇ ପାରିବି । ଗାନ୍ଧୀଜୀଙ୍କର ଏହି ଜିଦ୍‌ଖୋର ମନୋବୃତ୍ତି ଦ୍ୱାରା ଅମଙ୍ଗଳ ହେବାର ଆଶଙ୍କା କରି ଗାନ୍ଧୀଙ୍କୁ କହିଲେ ଯଦି ଆପଣ ସେଠାକୁ ଯିବା ନିମନ୍ତେ ବଦ୍ଧ ପରିକର ଅଛନ୍ତି ତେବେ ନିଜର ନିରାପତ୍ତା ପାଇଁ ସର୍ତ୍ତ ରଖନ୍ତୁ । ଗାନ୍ଧୀଜୀ ସଙ୍ଗେ ସଙ୍ଗେ କହିଲେ କୌଣସି ସର୍ତ୍ତ ରଖିବା ମୋ ଆତ୍ମ ବିଶ୍ୱାସର ବିରୋଧ କଥା । ତାହା ମୁଁ କୌଣସି ପରିସ୍ଥିତିରେ ବି ପାରିବି ନାହିଁ ତେବେ ରୋମାରୋଲାଁଙ୍କ ଭଳି ଜଣେ ଶୁଭାକାଂକ୍ଷୀ ବନ୍ଧୁ ଏତେଗୁଡିଏ ସତର୍କତାର ପ୍ରଶ୍ନ ଉଠାଇ ଯେତେବେଳେ ବାରମ୍ବାର ସୂଚନା ଦେଉଛନ୍ତି ତାଙ୍କ କଥାକୁ ସଂପୂର୍ଣ୍ଣ ଟାଳି ନଦେଇ ଗାନ୍ଧୀ ପଚାରିଲେ ରୋମ ଯାତ୍ରା କରିବା ନିମନ୍ତେ ଆପଣଙ୍କର ଶେଷ ନିଷ୍ପତ୍ତି ଶୁଣାନ୍ତୁ । ରୋଲାଁ ପରାମର୍ଶ ଦେଇ କହିଲେ ଯେ ତାଙ୍କର ଜଣେ ବନ୍ଧୁଙ୍କ ଗୃହରେ ଅତିଥି ଭାବେ ରହିବେ, ତତ୍‌ପରେ ମୁସୋଲିନଙ୍କୁ ଭେଟିବେ । ରୋମାଙ୍କ କଥା ରଖି ଗାନ୍ଧୀଜୀ ରୋମଯାତ୍ରା କଲେ ।

ରୋମ ମହାନଗରୀରେ ୟୁରୋପର ଅଗଣିତ ଯୁଦ୍ଧ ବିରୋଧି ଶାନ୍ତିକାମୀ ନେତୃବୃନ୍ଦ ଗାନ୍ଧିଜୀଙ୍କୁ ସାକ୍ଷାତ କଲେ । ସେତେବେଳେ ସମଗ୍ର ୟୁରୋପ ମହାଦେଶରେ ମହାଯୁଦ୍ଧର ଦିଗନ୍ତ ବିସ୍ତାରି କଳାବାଦଲ ଆଛନ୍ନ ହୋଇ ରହିଥାଏ। ଅସୁମାରୀ ମଣିଷ ଆତଙ୍କିତ ଅବସ୍ଥାରେ ଜୀବନ ଧାରଣ କରି ରହୁଥାନ୍ତି । ମହାତ୍ମା ଗାନ୍ଧୀଙ୍କୁ ସାକ୍ଷାତ କରୁଥିବା ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ତରଫରୁ ଜଣେ ବରିଷ୍ଠ ବ୍ୟକ୍ତି ଗାନ୍ଧୀଙ୍କୁ ପ୍ରଶ୍ନ କଲେ ତାହେଲେ କୁହନ୍ତୁ, ପୃଥିବୀର ଏ ସନ୍ଧିକ୍ଷଣ ସମୟରେ ଜଣେ ନେତୃତ୍ୱ ନେବାପାଇଁ ଚାହିଁଲେ ତାହାର କେଉଁଭଳି ରହିବା ଦରକାର ? ଗାନ୍ଧିଜୀ ସ୍ପଷ୍ଟ କହିଲେ ଯେ ଯିଏ ୨୪ ଘଣ୍ଟା ଭଗବାନଙ୍କୁ ଚିନ୍ତା କରୁଥିବ, ସେହି ବ୍ୟକ୍ତି ହିଁ କେବଳ ନେତୃତ୍ୱ ନେଇପାରିବ । ତାଙ୍କୁ ପାଇବାକୁ ହେଲେ ଅହିଂସା ଏକ ମାତ୍ର ପରମ ଆଶ୍ରୟ । ଜଣେ ନେତାର ନିଜ ଉପରେ ସଂପୂର୍ଣ୍ଣ ନିୟନ୍ତ୍ରଣ ରହିବା ଦରକାର । ସେ କ୍ରୋଧ, ଅହଙ୍କାର, ଭୟ ଓ ମିଥ୍ୟାଚାରକୁ ବର୍ଜନ କରିବା ଦରକାର । ଆଜିର ବିଶ୍ୱ ପରିପ୍ରେକ୍ଷୀରେ ଏପରି କେହି ଜଣେ ମଣିଷ ଅଛନ୍ତି କି ଯିଏ ଗାନ୍ଧୀଜୀଙ୍କର ଏହି ସତ୍ୟ ଅହିଂସାର ମାର୍ଗକୁ ଅନୁସରଣ କରି ନିଜ ଜୀବନ ଚର୍ଯ୍ୟାରେ ପ୍ରୟୋଗ କରୁଛି ? ରୋମରେ ୧୨ ତାରିଖ ସୁଦ୍ଧା ଗାନ୍ଧୀଜୀ ପହଞ୍ଚିଲେ । ଠିକ୍ ସେହିଦିନ ସନ୍ଧ୍ୟାବେଳେ ମୁସୋଲିନ୍‌ଙ୍କୁ ଭେଟିବା ପାଇଁ ବାହାରିଲେ । ଇଟାଲିରେ ଭେଟିଥିବା ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ପରାମର୍ଶ ବି ତାଙ୍କ ଉପଲବ୍ଧିରେ ଥିଲା । ମୁସୋଲିନ୍‌ଙ୍କୁ ଭେଟିବାକୁ ଯିବାବେଳେ ଦୃଶ୍ୟମାନ ହେଲା ଗୋଟାଏ ବିଶାଳ ହଲ୍ । ଏହି ହଲର ଅନ୍ତିମ ଭାଗରେ ବସିଛନ୍ତି ବିଶ୍ୱର ଏକଛତ୍ରବାଦୀ ଶାସକ ମୁସୋଲିନ୍ । ତତ୍କାଳିନ ସ୍ଥିତିରେ ଯେଉଁମାନେ ମୁସୋଲିନ୍‌ଙ୍କୁ ସାକ୍ଷାତ କରିବାକୁ ଆସୁଥିଲେ ସେମାନେ ସେହି ହଲ୍ ମଧ୍ୟରେ ଚାଲି ଚାଲି ଆସି ତାଙ୍କ ଟେବୁଲ ନିକଟରେ ବସି ଆଲୋଚନା କରୁଥିଲେ । ମୁସୋଲିନ୍ ଯେଉଁ ଆସନ ଉପରେ ବସିଥାନ୍ତି ତାହାଥିଲା ପୃଥିବୀର ଯେ କୌଣସି ଶ୍ରେଷ୍ଠ ସମ୍ଭ୍ରାନ୍ତ ଆସନ ଠାରୁ ଅସମ୍ଭବ ଭାବେ ସୌନ୍ଦର୍ଯ୍ୟ ପୂର୍ଣ୍ଣ ଏବଂ ସେର୍ବୋତ୍କୃଷ୍ଟ ସ୍ଥାପତ୍ୟର ଆକର୍ଷଣୀୟ ରାଜସିଂହାସନ । ସେ ଦିନ କଣ ହେଲା କେଜାଣି, ମହାତ୍ମାଗାନ୍ଧୀ ହଲ୍‌ର ପ୍ରବେଶ ଦ୍ୱାର ନିକଟରେ ପହଞ୍ଚିବା କ୍ଷଣି ମୁସୋଲିନ୍ ତତ୍‌କ୍ଷଣାତ୍ ତାଙ୍କ ନିଜ ଆସନରୁ ଉଠିଆସି ପ୍ରବେଶ ଦ୍ୱାର ନିକଟରୁ ଭବ୍ୟ ସ୍ୱାଗତ ଜଣାଇ ତାଙ୍କ ନିଜ ଆସନ ନିକଟରେ ବସାଇଦେଲେ । ମହାତ୍ମାଗାନ୍ଧୀ ତାଙ୍କ ନିକଟରେ ବସିଥିବାବେଳେ ମୁସୋଲିନଙ୍କ ଆଖି ଗାନ୍ଧୀଙ୍କ କ୍ଷୀଣ ଶରୀରକୁ ପରିକ୍ରମା କରୁଥିଲା । ସମ୍ଭବତଃ ସେ ଚିନ୍ତା କରୁଥିଲେ ଏହି ଆଣ୍ଠୁ ଲୁଚୁନଥିବା ବସ୍ତ୍ର ପରିହିତ ଗୋଟିଏ ଦରଲଙ୍ଗଳା ମଣିଷ ଭିତରେ ବିଶ୍ୱର ସର୍ବାଧିକ ଆକର୍ଷଣ ରହୁଛି କିପରି ? ଆଶ୍ଚର୍ଯ୍ୟ ପ୍ରକଟ କରିଥିଲା ମୁସୋଲିନ୍‌ଙ୍କ ଭାବନାର ପ୍ରାସଙ୍ଗିକତା ଉପରେ । ସେ ପ୍ରଶ୍ନିଳ ଭଙ୍ଗୀରେ ଗାନ୍ଧୀଙ୍କୁ ପଚାରିଲେ ଭାରତ ଭୂଖଣ୍ଡକୁ ବ୍ରିଟିଶ୍ ମାନଙ୍କଠାରୁ ମୁକ୍ତ କରିବା ପାଇଁ ଅହିଂସା ମାଧ୍ୟମରେ କିପରି ସମ୍ଭବ ? ଗାନ୍ଧିଜୀ ତାଙ୍କର ଉତ୍ତରରେ ଏହା କିପରି ସମ୍ଭବ ହୋଇ ପାରିବ ତାହା ଉଦ୍ଧାର କରି ବକ୍ତବ୍ୟ ରଖିବା ପରେ ପୁନର୍ବାର ମୁସୋଲିନ ପଚାରଲେ ମୁଁ ଯେଉଁ ଏକଛତ୍ରବାଦ ରାଷ୍ଟ୍ରନିର୍ମାଣ କରିଛି, ସେ ସମ୍ପର୍କରେ ଆପଣଙ୍କର ମତାମତ ରଖନ୍ତୁ । ଏହି କଥାପଦକ ଯଦି ପୃଥିବୀର ଯେ କୌଣସି ରାଷ୍ଟ୍ର ନେତାଙ୍କୁ ପଚାରିଥାନ୍ତେ, ତେବେ ସେମାନେ ନିଶ୍ଚିତ ଭାବେ ଉତ୍ତର ଦେଇଥାନ୍ତେ ଯେ ଏକଛତ୍ର ଶାସନ ସମ୍ପର୍କରେ ସେହିପରି କିଛି ଅନୁଧ୍ୟାନ ସେମାନେ କରିନାହାଁନ୍ତି । କିନ୍ତୁ ପାଠକ ବନ୍ଧୁ ଜାଣିଛନ୍ତି କି ସେଠାରେ ମହାତ୍ମା ଗାନ୍ଧୀ ମୁସୋଲିନଙ୍କୁ କି ଉତ୍ତର ଦେଲେ ? ଗାନ୍ଧିଜୀଅତ୍ୟନ୍ତ ନିର୍ଭୀକ ଶୈଳିରେ ଉତ୍ତର ଦେଇ କହିଲେ ଆପଣ ଏକ ତାସ୍‌ର ଘର ତୋଳିଛନ୍ତି । ଏହାର ଅର୍ଥ ହେଲା ଏହି ଘର ଯେ କୌଣସି ସମୟରେ ସାମାନ୍ୟତମ ଆଘାତରେ ଧ୍ୱଂସ ପାଇଯିବ । ଗାନ୍ଧିଜୀଙ୍କଠାରୁ ଏହି ବାସ୍ତବ ତଥା କଠୋର ସମ୍ଭାଷଣ ଯୁକ୍ତ ବକ୍ତବ୍ୟରେ ମୁସୋଲିନ୍‌ଙ୍କ ହୃଦୟ ଓ ମନ କିପରି କ୍ଷୁବ୍ଧ ହୋଇଉଠିଥିଲା, ତାହା ପୃଥିବୀର ଯେ କୌଣସି ବ୍ୟକ୍ତି ଅନୁମାନ କରିପାରିବେ କି ?

**(କ୍ରମଶଃ)**

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com** **City Office : Qtr No.-4R-12, Unit-IX (Flat), Bhubaneswar, Pin-751022** ସମ୍ପାଦକ : **ଜୟାଶୀଷ ରାୟ**

# ଅଳ୍ପଗଳ୍ପ

## ଦାନବ

ମୂଳ ହିନ୍ଦୀ-ଶ୍ରୀ ସୁବାଷ ନୀରବ
ଅନୁବାଦ- ମଧୁସ୍ମିତା ପଟ୍ଟନାୟକ

ପଟ୍ଟନାୟକ ଗୋଟେ ପଟେ ଅସ୍ତଗାମୀ ସୂରୁଜ ଦେବତା କିଛି କ୍ଷଣରେ ସମୁଦ୍ରଗର୍ଭରେ ବୁଡ ପକେଇବା ପାଇଁ ସଜବାଜ ହେଉଥିବା ବେଳକୁ ଆଉ ଗୋଟେ ପଟେ ସମୁଦ୍ରକୂଳରେ ଲୋକମାନଙ୍କର ଗହଳିଟା ବେଶ୍ ଜମିବାରେ ଲାଗିଥାଏ । ଏହି ଭିଡ ଭିତରେ ପୁଅଟିଏ ଆଉ ଝିଅଟିଏ.. ପରସ୍ପରର ହାତ ଧରା ଧରି ହୋଇ ବେଳାଭୂମିର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା ଉପରେ ମନଖୁସିରେ ଚାଲୁଥାନ୍ତି । ଏହି ଚାଲୁଥିବା ସମୟରେ ସମୁଦ୍ରର ଲହଡି ତୀବ୍ର ଗତିରେ ଆସୁଥାଏ ଆଉ ଝିଅଟିର ପାଦ ଯୋଡିକୁ ଛୁଇଁ ଦେଇ ଚାଲି ଯାଉଥାଏ । ଝିଅଟିକୁ ଆମୋଦିତ କରୁଥିଲା ଲହଡିମାନଙ୍କର ଛୁଆଁ । ଝିଅଟି ପୁଅଟିର ହାତକୁ ଧରି ସମୁଦ୍ର ଆଡକୁ ଧାଇଁ ଯାଉଥାଏ ଏବଂ ଆଞ୍ଜୁଳାରେ ପାଣି ଭରି ଭରି ପୁଅଟି ଉପରକୁ ଛାଟି ଦେଇ ଖୁସିରେ ଆତ୍ମହରା ହୋଇ ପଡୁଥାଏ । ତା'ର ଖିଲି ଖିଲି ହସରେ ପରିବେଶକୁ ସୁନ୍ଦର କରି ଚାଲିଥିଲା । ଝିଅଟିର ଏପରି ଉନ୍ମୁକ୍ତ ଭାବରେ ମନ ଖୋଲି ହସିବାଟା ପୁଅକୁ ବେଶ୍ ରୋମାଞ୍ଚିତ କରୁଥାଏ । ମଉକା ଦେଖି ଝିଅଟିକୁ ନିଜ ବାହୁ ବନ୍ଧନରେ ନିବିଡ ଭାବରେ ଧରି ରଖିବା ସହ ସମୁଦ୍ରରୁ ଉଠୁଥିବା ବଡ ବଡ ଲହଡିମାନଙ୍କୁ ଅପେକ୍ଷା କରିଥାଏ। ଲହଡିମାନେ ବୋଧେ ପୁଅଟିର ମନକଥା ବୁଝି ପାରିଥିଲେ..ସେଇଥି ପାଇଁ ତ ମତୁଆଲା ହୋଇ ମାଡି ଆସୁଥାନ୍ତି ଆଉ ଦୁହିଁଙ୍କୁ ଭିଜେଇ ଦେଇ ଦୋହଲି ପଛକୁ ଫେରି ଯାଉଥାନ୍ତି । ହେଲେ ସେହି ବେଳାଭୂମିରେ ଲହଡି ଓ ସେମାନଙ୍କ ଭିତରେ ଚାଲିଥିଲା ଭିନ୍ନ ଏକ ଖେଳ..ସେ ଖେଳ ଥିଲା ପରସ୍ପରକୁ ଛୁଇଁବାର ଖେଳ.. ପୁଅଟି ଖୁସି ତ ଥିଲା, କିନ୍ତୁ ନିଜ ଭିତରେ କାହିଁକି କେଜାଣି ଭାରି ଅସ୍ତବ୍ୟସ୍ତ ହୋଇ ପଡୁଥାଏ । ଖାଲି ବାରମ୍ବାର ଅସ୍ତଗାମୀ ସୂର୍ଯ୍ୟଙ୍କୁ ଚାହୁଁଥାଏ । ଏପଟେ ମାଛି ଅନ୍ଧାର ସୂରୁଜ ଦେବତାଙ୍କର ଲାଲିମାଙ୍କୁ ନିଜ ଭିତରେ ଧିରେ ଧିରେ ଲୁଚାଇ ଚାଲିଥାଏ । କେତେ ସମୟ ଆଉ ନିଜକୁ ଧରି ରଖିବେ । ଶେଷରେ ଥକି ହାରି ନିଜକୁ ଲୁଚାଇ ନେଲେ ଦୂର ଦିଗ୍‌ବଳୟରେ.. ଅନ୍ଧକାର ବଢୁଥିବାର ଦେଖି ପୁଅଟିର ବ୍ୟସ୍ତତା ଟିକିଏ କମିବାକୁ ଲାଗିଲା । ଲାଗୁଥିଲା ସତେ ଯେମିତି ସେ ଏଇ ଅନ୍ଧକାରକୁ ଅପେକ୍ଷା କରିଥିଲା । ଝିଅଟିର ହାତ ଧରି ଭିଡକୁ ପଛରେ ପକେଇ ସମୁଦ୍ର କୂଳେ କୂଳେ ଚାଲି ଚାଲି ବହୁ ଦୂରକୁ ଚାଲି ଆସିଲା ପୁଅଟି । ଯେଉଁ ଜାଗାରେ ଦୁହେଁ ଆସି ପହଞ୍ଚି ଯାଇଥିଲେ ସେ ଥିଲା ସମ୍ପୂର୍ଣ୍ଣ ଭାବେ ନିକାଞ୍ଚନ ଜାଗା । ସେହି ନିକାଞ୍ଚନ ଜାଗାର ନୀରବତାକୁ ଭଙ୍ଗ କରୁଥିଲା ସେଠାରେ ଥିବା କଳା ଚିକଣିଆ ପଥର ଖଣ୍ଡମାନଙ୍କ ଦେହରେ ଆସି ପିଟି ହେଉଥିବା ଲହଡି ମାନଙ୍କ ଶବ୍ଦ । ଝିଅଟିକୁ ନେଇ ଗୋଟିଏ ପଥରଖଣ୍ଡ ଉପରେ ବସି ପଡିଲା ପୁଅଟି । ସେମାନଙ୍କ ସାମନାରେ ଥିଲା ବିଶାଳ ଅନ୍ଧକାରରେ ବୁଡି ଯାଉଥିବା କଳା ଘୁମର ଜଳରାଶି..କେତେ ବେଳେ କେମିତି ଦିଶି ଯାଉଥିଲା ସମୁଦ୍ର ଭିତରେ ଯାଉଥିବା ଜାହାଜମାନଙ୍କର ଟିମ୍ ଟିମ୍ କରୁଥିବା ଆଲୋକମାଳା.. ହଠାତ୍ ଝିଅଟି ପ୍ରଶ୍ନ କରି ଉଠିଲା,'ଆରେ! ତୁମେ ମୋତେ କେଉଁଠିକୁ ନେଇ ଆସିଛ?' 'ଭିଡ ଭିତରେ ତ ଆମେ ପରସ୍ପରକୁ ସବୁବେଳେ ଭେଟୁଛେ..କେତେ ବେଳେ..' ପୁଅଟିର କଥା ପୁରା ହେବା ପୂର୍ବରୁ ଝିଅଟି କହି ଉଠିଲା,'..ହେଲେ ମୋତେ କାହିଁକି ଭାରି ଡର ଲାଗୁଛି..ଦେଖୁନ! ଚାରିଆଡେ କେମିତି କିଟି ମିଟିଆ ଅନ୍ଧାର ହେଇଛି..' ସତକୁ ସତ ଝିଅଟିର ଚେହେରାରେ ଦେଖା ହେଲା ଏକ ଅଜଣା ଭୟ..

'ତୁମେ କାହାକୁ ଡରୁଛ? କ'ଣ ଏଇ ଅନ୍ଧକାରକୁ..?'

'ନା'! ଏ ଅନ୍ଧକାରକୁ ନୁହେଁ..ଏଠି ଥିବା ରାକ୍ଷସକୁ..'

'ରାକ୍ଷସ..! କାଇଁ କେଉଁଠି ଅଛି ରାକ୍ଷସ..? ଝିଅଟିର ଖୁବ୍ ପାଖକୁ ଲାଗି ବସି ପଡିଲା ପୁଅଟି..ଭୟାତୁର ସ୍ୱରରେ ଝିଅଟି କହିଲା, 'ହଁ ଅଛି!..ଏଇ ଅନ୍ଧକାର ଆଉ ଏକାନ୍ତର ସୁଯୋଗ ନେଇ ତୁମ ଭିତରେ ଥିବା ରାକ୍ଷସଟା ବାହାରକୁ ବାହାରି ଆସିବା ପାଇଁ ଉଦ୍ୟତ ହେବ ।'' ଝିଅଟିର ଏପରି କଥା ଶୁଣି ପୁଅଟି ଜୋରରେ ହସି ହସି କହିଲା,'ଏହି ରାକ୍ଷସ ହିଁ ତ ଗୋଟିଏ ପୁଅର ପୌରୁଷତ୍ୱକୁ ଉଜାଗର କରିଥାଏ..' ଏକାନ୍ତରେ ସୁଯୋଗ ମିଳିବା ମାତ୍ରେ ନିଶ୍ଚଳ ପ୍ରେମ ଭିତରେ କାମନା-ବାସନା ରାକ୍ଷସଟା ଧୀରେ ଧୀରେ ମୁଣ୍ଡ ଟେକିବା ଆରମ୍ଭ କରି ଦେଇଥାଏ । ଝିଅଟିର ଦେହ ସହ ଖେଳିବା ଆରମ୍ଭ କରି ଦେଲା ପୁଅଟି । ଝିଅଟି ପାଇଁ ଥିଲା ତାହା ଏକ ଅନପେକ୍ଷିତ ପରିସ୍ଥିତି । 'ମୁଁ ଆସୁଛି' କହି ଝିଅଟି ଝଟ୍ କରି ଉଠି ପଡିଲା ସତେ ଯେମିତି ସେହି ମୁହୂର୍ତ୍ତରେ ସେ ଗୋଟେ ଜ୍ୱାଳାମୁଖୀ ହୋଇ ଫାଟିଯିବ । ହେଲେ ପୁଅଟି ତା'ର ଦୁଇ ହାତକୁ ଶକ୍ତ ଭାବରେ ମୁଠାଇ ଧରିଲା । ଝିଅଟି ଆର୍ତ୍ତସ୍ୱରରେ ଚିତ୍କାର କରି ଉଠିଲା,'ହେଇ ଦେଖ! ତୁମ ଭିତରେ ଥିବା ରାକ୍ଷସ'। କେମିତି ବାହାରକୁ ବାହାରି ଆସୁଛି.. ମୋତେ ଯିବାକୁ ଦିଅ..' ସତକୁ ସତ ପୁଅଟି ଭିତରୁ କାମନା-ବାସନାର ରାକ୍ଷସଟା ଧିରେ ଧିରେ ବାହାରି ଝିଅଟିକୁ ତା'ର ସେହି ଜ୍ୱାଳାରେ କ୍ଷତ ବିକ୍ଷତ କରିବାକୁ ଆରମ୍ଭ କରିଦେଲା । ଝିଅଟି କିନ୍ତୁ ନିଜର ସମସ୍ତ ବଳ ଲଗେଇ ଏକ ଶକ୍ତ ଧକ୍କା ଦେଇ ସେହି ରାକ୍ଷସକୁ ପଛକୁ ଠେଲି ଦେଲା। ହଠାତ୍ କ'ଣ ହେଲା ଭାବି ରାକ୍ଷସଟା ହଡବଡେଇ ଗଲା । ଏପଟେ ବେଳାଭୂମିରେ ଯେଉଁଠି ଟ୍ୟୁବଲାଇଟ୍‌ର ଆଲୋକ ବିକ୍ଷିପ୍ତ ହୋଇ ଚତୁର୍ଦ୍ଦିଗକୁ ଆଲୋକିତ କରୁଥିଲା ଝିଅଟି ସେହି ଦିଗରେ ଦୌଡିବାକୁ ଲାଗିଲା ।

ପୁଅଟି ଦୌଡି ଦୌଡି ଆସି ଝିଅଟି ପାଖରେ ପହଞ୍ଚିଯାଇ କହିଲା,'ସରି..ଭଲ ପାଇବାରେ ଏମିତି ଟିକିଏ ଚଳେ ନା'..'

'ଶୁଣ, ମୁଁ ତୁମକୁ ବହୁତ ଭଲ ପାଏ..ହେଲେ ତୁମ ଭିତରେ ଲୁଚି ରହିଥିବା ଏ ରାକ୍ଷସକୁ ନୁହେଁ..' ତୀବ୍ର ଗତିରେ ଝିଅଟି ଚୁପଚାପ୍ ରାଜରାସ୍ତା ଆଡକୁ ମାଡି ଚାଲିଲା। ଝିଅଟି ଚାଲିଗଲା ସିନା ପଛରେ କ'ଣ ଛାଡି ଆସିଲା ଜାଣିଛନ୍ତି..? ସେ ଛାଡି ଆସିଥିଲା ସେହି ବେଳାଭୂମି..ଆଉ ନିଜଠୁଁ ଅଧିକା ଭଲ ପାଉଥିବା ପୁଅଟିକୁ।

ପ୍ଲଟ ନମ୍ବର-୨୭, ବ୍ରହ୍ମେଶ୍ୱର ବାଗ,
ଟଙ୍କପାଣି ରୋଡ, ୱାର୍ଡ ନଂ-୫୮
ଭୁବନେଶ୍ୱର-୭୫୧୦୧୮

## ସଂଘର୍ଷ

ପ୍ରଶାନ୍ତ ବ୍ରହ୍ମା



ଆଜକୁ ପ୍ରାୟ କୋଡିଏ ବର୍ଷ ତଳର କଥା ସେତେବେଳେ ମୋତେ ଆଠ ବର୍ଷ ବୟସ ହୋଇଥାଏ। ମୋର ବାପା ହଠାତ୍ ବ୍ରେନ୍ ଷ୍ଟ୍ରୋକରେ ଚାଲି ଯାଇଥିଲେ। ଖାଇବା ପିଇବା, ପାଠପଢ଼ା, ମେଡିସିନ, ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଆମେ ମାଆ ପୁଅ ଅନେକ ଅଭାବ ଅସୁବିଧାରେ ରହିଥାଉ ମାଆ ପର ଘରେ ବାସନ ମଜା କାମ କରି ମୋତେ ପାଠ ପଢାଏ ।

ଘରେ ଇଲେକଟ୍ରି ଆଲୁଅ ନଥାଏ ଡିବି ଆଲୁଅରେ ପାଠପଢ଼ା ତା ସାଙ୍ଗକୁ ଓଳିଏ ଖାଇଲେ ଆର ଓଳିକି ଉପବାସ, ସ୍କୁଲକୁ ଯିବାକୁ ହେଲେ ଗୋଟିଏ ହଳ ଡ୍ରେସ।

ସାଙ୍ଗ ସାଥି ବୋଲି ମୁଁ କିଛି ଜାଣିନି କାରଣ ମୋ ସାଙ୍ଗରେ ପାଠ ପଢୁଥିବା ପିଲାମାନେ ବିଭିନ୍ନ ପ୍ରକାରର ଟିଫିନ୍ ନିଅନ୍ତି ଆଜି ସୁଜି ଉପମା ତ କାଲି ଆଳୁ ପରଟା କିନ୍ତୁ ମୁଁ ଯେଉଁ ମୁଢିକୁ ସେଇ ମୁଢି, ସ୍କୁଲରେ ଖାଇବା ଛୁଟିରେ ମୁଁ ଅଲଗା ହୋଇ ବସେ କାରଣ କାଳେ କିଏ ମୋତେ ଥଟା କରିବକି ଏହି ଭୟଟା ମନରେ ଥାଏ।

ଆଜି ସ୍କୁଲରେ ଗଣେଶ ପୂଜା ସରସ୍ୱତୀ ପୂଜା ଯାହାବି ହେଲେ କୌଣସି ଠାରେ ମୁଁ ନଥାଏ କାରଣ ସମସ୍ତେ ନୂଆ ପୋଷାକ ପିନ୍ଧନ୍ତି ହେଲେ ମୁଁ ପିନ୍ଧିବାକୁ ପାଏନାହିଁ । ଯାହାବି ହେଉ ଯେ କୌଣସି ଭାବେ ମୋର ଦଶମ ଶ୍ରେଣୀ ସରିଗଲା ତାହା ପୁଣି ଆମ ଜିଲ୍ଲାର ଟପର ହେଇ ସମସ୍ତଙ୍କ ମୁହଁରେ ଖୁସୀ କିନ୍ତୁ ମୁଁ ଖୁସୀ ନଥାଏ, ମୋ ମନରେ ସେହି ଗରୀବ ଆଖି ବାରମ୍ବାର ମୋ ଆଗକୁ ଆସୁଥାଏ। ତଥାପି ସଙ୍ଘର୍ଷ କରିବାର ଆଶା ମନ ଭିତରେ ଉଙ୍କି ମାରୁଥାଏ। ସତରେ କଣ ମୁଁ ଆଉ ଆଗକୁ ଯିବି ଆଉ କିଛି କରିବି ଏ ସବୁ ମନ ଭିତରେ ଆସୁଥାଏ । ତଥାପି ମୁଁ ହାରି ନଥାଏ ।

ଦଶମ ଶ୍ରେଣୀ ପାଠପଢ଼ା ପରେ କିଛି ଛୋଟ ପିଲାଙ୍କୁ ଟିଉସନ୍ କରି ମୁଁ +୨ ପରେ +୩ କରି ପିଜି କରୁଥାଏ ହଠାତ୍ ମୋର ପିଲାଦିନର ଗୁରୁଜୀ ଦେଖା ହୁଅନ୍ତି ଏବଂ ମୋ ସାଙ୍ଗରେ ଦୁଇପଦ କଥା ହୁଅନ୍ତି । କଥାରେ କଥାରେ କହନ୍ତି ବାବା ଆଜି କାଲି ତୁ ଆଉ କଣ କରୁଛୁ ମୁଁ ତାଙ୍କୁ ମୋର ସମସ୍ତ କଥା କହିବସେ। ସବୁ କଥା ମୋର ଗୁରୁଜୀ ଶୁଣି ମୋତେ ଗୋଟିଏ ଉପଦେଶ ଦେଲେ ଯାହାକି ମୋ ମାର୍ଗ ବଦଳି ଯାଇଥିଲା ।

+୨+୩ପରେ ପିଜି କରୁଥିବା ପିଲା ମୁଁ ଯାହାକି ମୋର ପେଷା ରହିଗଲା ପିଲାଙ୍କୁ ପାଠ ପଢ଼ାଇବା, କିଛିଦିନ ପରେ ମୁଁ ଏକ ଛୋଟ ଶିଶୁ ମନ୍ଦିର ସ୍କୁଲ ଖୋଲିଲି । ସେହିଦିନ ଠାରୁ ମୁଁ ଆଉ ପଛକୁ ଚାହିଁନି, ଧିରେ ଧିରେ ଛୋଟିଆ ପ୍ରାଇଭେଟ୍ କଲେଜ ତା ପରେ ଆଗକୁ ହିଁ ଆଗକୁ ପାଦ ବଢେଇ ଥାଏ । ଗୁରୁଜୀଙ୍କ ପ୍ରେରଣରେ ମୁଁ ମୋର ଏହି କାମକୁ ପେଷା ରୂପେ ଧରି ନେଲି।

ସତରେ ମନକୁ କେବେ ଛୋଟ କରିବନି ସଦାବେଳେ ସଙ୍ଘର୍ଷ କରୁଥିବ ଏବଂ ଅକ୍ଲାନ୍ତ କଠିନ ପରିଶ୍ରମ କଲେ ନିଶ୍ଚିତ ସଫଳତା ମିଳିବ।

ପଳାଶପୁର, ଖୋର୍ଦ୍ଧା

## ରାଜନୀତି ବିବୃତି

ରତ୍ନକାନ୍ତି ମିଶ୍ର



ଟ୍ରେନ୍ ଆସୁଛି ହାଓ୍ୱଡାରୁ। ଗନ୍ତବ୍ୟ ସୁରଟ, ଗୁଜରାଟ। ପ୍ଲାଟଫର୍ମ ନମ୍ବର ଚାରିରେ ଲାଗିବ। ଘୋଷଣାକୁ ଅପେକ୍ଷା କରିବା ଦରକାର ନାହିଁ । ସପ୍ତାହକୁ ତିନି ଦିନ ଏଇ ପ୍ଲାଟଫର୍ମରେ ହିଁ ଲାଗେ।

ଟ୍ରେନ ଆସିବାର ତିନି ଘଣ୍ଟା ବିଳମ୍ବ ହେବ ବୋଲି ଯାତ୍ରୀ ମାନଙ୍କ ଅବଗତି ନିମନ୍ତେ ରେଲଓ୍ୱେ ଷ୍ଟେସନ ତରଫରୁ ତାଜା ଖବର ପ୍ରସାରଣ କରାଯାଇଥିଲା । ହେଲେ ଏଇ ବିଳମ୍ବ ନୂଆ ନୁହେଁ ଯେ ଯାତ୍ରୀ ମାନେ ବ୍ୟସ୍ତ ହୋଇ ପଡିବେ। ହେଲେ କଥା ହେଉଛି ଏଇ ବିଳମ୍ବ ଯାହାର ଅବଧି ପ୍ରାୟତଃ ଥାଏ ଘଣ୍ଟାକ, ଆଜି ସେଥିରେ ଅସମ୍ଭବ ବ୍ୟତିକ୍ରମ। ଆଉ କିଛି ଯୁ ନାହିଁ। ସହିବାକୁ ତ ପଡିବ।

ମେଳି ହୋଇ ବସିଗଲେ ଦାଦନ ଖଟିବାକୁ ଯାଉଥିବା ପଞ୍ଚାଏ।

'ପାଅ ପାନେ ଏବେ। ଡବଲ ଇଞ୍ଜିନ ସରକାରକୁ ଭୋଟ ଦେଇଥିଲ।' କେହି ଜଣେ ନିଜର ଅଶାନ୍ତି କୁ ପ୍ରକାଶ କଲା ଏମିତି।

ଏମିତି କଥା ଦି ପଦ ଶୁଣାଗଲା ପରେ କିଛି ସମୟ ଭୁଟଭାଟ ଶବ୍ଦର ଗୁଞ୍ଜରଣ ହେଲା। ଯେମିତି ପରସ୍ପର ଭିତରେ କିଛି ତାତ୍ପର୍ଯ୍ୟପୂର୍ଣ୍ଣ ଆଉ ଗମ୍ଭୀର ଆଲୋଚନା ଚାଲିଛି। -' ଆଗ ସରକାର ଥିଲାବେଳେ ଟ୍ରେନ କ'ଣ ଜମା ଲେଟ୍‌ରେ ଆସୁନଥିଲା?' ଗହଳି ଭିତରୁ ହଠାତ୍ ଶୁଭିଲା କାହାର କଣ୍ଠସ୍ୱର।

ରାଜନୀତି ଚର୍ଚ୍ଚା ଜମାଟ ବାନ୍ଧିଲା ଅକସ୍ମାତ।

'ଆସୁଥିଲା, ହେଲେ ଏତେ ଲେଟ୍?' କହିଲା ଆଉ ଜଣେ।

'ଏ ସରକାର ଆସିବା ପରେ ହପ୍ତା କୁ ଦୁଇ ଦିନ ଜାଗାରେ ତିନି ଦିନ ଏ ଟ୍ରେନ ଚାଲୁଛି। ସେଇଟା ଆଖିକୁ ଦେଖା ଯାଉନି?'

-'ଭୁଲିଗଲଣି ବୋଧେ କରୋନା ସମୟର କଥା। ଆମ ଦଳ କେମିତି ଟ୍ରେନରେ, ବସ୍‌ରେ ଲୋକଙ୍କୁ ସୁବିଧାରେ ସୁରଟରୁ ଆଣି ପହଞ୍ଚେଇ ଥିଲେ ଓଡ଼ିଶାରେ। ତମ ଚଉଦ ପୁରୁଷ କଟିଗଲେ ବି ଆମ ମୁଖ୍ୟମନ୍ତ୍ରୀଙ୍କ ଭଳିଆ ଲୋକଟିଏ ପାଇବନି। ଦେଶ ବିଦେଶରେ ତାଙ୍କ ନାଁ..!'

-' ରଖ ହୋ ତୁମ ମୁଖ୍ୟମନ୍ତ୍ରୀଙ୍କ କଥା। ଏତେ ଯଦି ଭଲ ଥେଲ ହାରିଲ କାହିଁକି। ଏବେ ଚାଲିଛି ଲୋକଙ୍କ ସରକାର। ଏଇ କେଇ ଦିନ ତଳେ ଆମ ମୁଖ୍ୟମନ୍ତ୍ରୀ ବଢିପାଣିରେ ଲୋକଙ୍କୁ ଦେଖିବାକୁ ଡଙ୍ଗାରେ ଯାଇଥିଲେ। ତମ ମୁଖ୍ୟମନ୍ତ୍ରୀ କେବେ ଏମିତି କରିଥିଲେ?'

-' ହଇ ହୋ, କଣ କହିଲ? ତମେ ତ ଭଲ ଖାଇ ମୁହଁ ପୋଛିଲା ଲୋକ। କହିବ ତ ଶାସନ କରିବା ଶିଖିନ। ଟ୍ରେନ ମନଇଚ୍ଛା ଆସୁଛି। ଆମକୁ ହନ୍ତସନ୍ତ କରୁଛି। ସେଇ କଥାକୁ ଲୁଚାଇବା ପାଇଁ ଏ ଲୋକଙ୍କ ସରକାର କଥା ଉଠେଇଲ ଏଇ ଜାଗାରେ। ଆମ ସରକାର ଆସିଲେ ସୁରଟ, ଗୁଜୁରାଟ, ଆନ୍ଧ୍ର ଯିଏ ଯଉଠିକୁ ଯା, ପେଟପାଟଣା ପାଇଁ ଯାଉଚ ତ! ଯିବା ଆସିବା ଭଡ଼ା ମାଗଣା ହେଇଯିବ। ଯିମିତି କରୋନା ସମୟରେ ହେଇଥିଲା।'

-' ଦେଖିବ ରୁହ। ଆମର ଏବେ ଡବଲ ଇଞ୍ଜିନ ସରକାର। ଏଇ ଟ୍ରେନ ଡବଲ ଥର ଚାଲିବ। ମାନେ କଥାବାର୍ତ୍ତା ଚାଲିଛି- ହପ୍ତାର ସବୁଦିନେ ଚାଲିବ। ଆଉ ଏମିତି ଭିଡ଼ ହେବ ନାହିଁ। ଖାଲି କଣ ତୁମେ ଆମେ ଗୁଜରାଟ ଯାଉଛନ୍ତି କି? ବାଟସାରା ଲୋକଙ୍କୁ ଉଠାଇଲା ବେଳକୁ ଟ୍ରେନ ଲେଟ୍‌ରେ ଚାଲିବ ନା ନାହିଁ।'

-' ଖାଲି ବାହାପିଆ କଥା। ତମ ନେତାମାନେ ଖାଲି ଭାଷଣରେ ପେଟ ପୁରାଇ ପାରନ୍ତି। ଅଗଲ ବଗଲ କଥା କହି ଲୋକଙ୍କୁ ଭୁଆଁ ବୁଲାଇ ପାରନ୍ତି। ହଁ ତମର ଡବଲ ଇଞ୍ଜିନ ଯେ ଗୋଟିଏ ଆଗ ପଟେ ଗୋଟିଏ ପଛ ପଟେ। ଟଣା ଟଣି ଭିତରେ ଟ୍ରେନ ଯଉଠି ସେଇଠି।'

ଏତିକି ବେଳକୁ ଶୁଭିଲା ସମବେତ ହିଁ ହିଁ ହସର ଲହରୀ।

-' ଆବେ ଶଃ, ଆମ ସରକାର କହିଥିଲା ମହିଳାଙ୍କୁ ପଚାଶ ହଜାର ଦେବ। ପାଞ୍ଚ ପାଞ୍ଚ ହଜାର କରି ଦେଉଛି କି ନା?'

'ଏସବୁ ଇଲେକ୍ସନ ଜିତିବା ପାଇଁ। ଆମେ କଣ୍ ଇଲେକ୍ସନ ବେଳକୁ ଲୋକଙ୍କୁ ଟଙ୍କା ବାଣ୍ଟୁନଥିଲୁ କି?'

'ହଇ ହୋ, କେତେ ଲେଖା ଦଉଥିଲ? ଆମେ ତମର ଡବଲ ବାଣ୍ଟିଛୁ। ଦେଖିଲ ତ ଆମ ଡବଲ ଇଞ୍ଜିନର କମାଲ। ମାଟି କାମୁଡେଇ ଦେଲୁ ନା ନାହିଁ?'

ଖୁବ୍ ଉଚ୍ଚ ସ୍ୱରରେ କୁହାଯାଇଥିବା ଏ କଥା ପଦକ ସମସ୍ତଙ୍କୁ ଶୁଭିଲା ଭଳି ଥିଲା ଏବଂ ତତ୍ ସହିତ ଖେଁ ଖେଁ ହସର ସୁନାମୀ ଖେଳିଗଲା।

ବିରୋଧୀ ନା ଶାସକ । କିଏ ନେଲା କାହା ପଟ ବୁଝିବା ମୁସ୍କିଲ। ଯା ପରେ ଶୁଭିଲା ଅଭାଷା କୁଭାଷାର କୁହାଟ।

'ଏସବୁ ସେଇ ପେଟ ପାଇଁ ନାଟ। ହଇରେ ପିଲେ ଆମେ ଦାଦନ ହେଲୁ କାଲକେ। ତମେ ବି ହେଲ। ଆଗକୁ ତମ ପିଲାମାନଙ୍କୁ ବି ସେଇ ବାଟ ଦେଖେଇବ? କିଛି ଲୋକ ରେସନ କାର୍ଡ ହାତେଇ ମଜା ମଉଜରେ ଗାଁ ବୁଲି ରାଜନୀତି କରୁଛନ୍ତି। କିଛି ଲୋକ ନିଜ ଦମରେ ଖଣି ଖାଦାନ ଜଙ୍ଗଲ ଜମି ଲୁଟି ରାଜନୀତିରେ ପାରିବା ପଣିଆ ଦେଖାଉଛନ୍ତି। ଆଉ ତମେମାନେ ଏ କୁଳର ହେଲନି କି ସେ କୁଳର। ଏଇଠି ରାଜନୀତି ପାଠ ଓଗାଳୁଛ। ଧନ୍ୟ କହିବ ତମ ମାନଙ୍କୁ।' ଜଣେ ବୟୋଜ୍ୟେଷ୍ଠ କହିଲେ। ସମସ୍ତେ କିଛି କ୍ଷଣ ପାଇଁ ନୀରବ ହୋଇଗଲେ। ଏତିକି ବେଳକୁ ଟ୍ରେନ ଆସିବାର ଘୋଷଣା ହେଲା। ହେଲେ ପ୍ଲାଟଫର୍ମ ନମ୍ବର ଦୁଇରେ। ହଇଚଇ ଖେଳିଗଲା ନିମିଷକରେ ଏବଂ ଚାଲିଲା ଦୌଡ଼ ପ୍ରତିଯୋଗିତା। ଟ୍ରେନ ଆସିଲା ପ୍ଲାଟଫର୍ମକୁ। ଡୋର ଖୋଲିବାର ଜୁ ନାହିଁ । ଚାଲିଲା କସରତ। ଠେଲାପେଲାରେ ବଗି ଭିତରେ ପାଦ ରଖିଲେ କିଛି। ଡୋରରେ ବାଦୁଡି ପରି ଓହଳିପଡିଲେ କିଛି। ପ୍ରତିଯୋଗିତାରୁ ଓହରିଗଲେ ବି କିଛି । ଟ୍ରେନ ଭିତରକୁ ଯାଇଥିବା ମଣିଷ ପରିଷ୍କାର ଦୃଶ୍ୟ ହେଉନାହାନ୍ତି। ଝାପସା ଆଲୁଅରେ କାହାରି ଚେହେରା ଦେଖାଯାଉନି ସ୍ପଷ୍ଟ। ଛିନ ଛତ୍ର ହୋଇ ଯିଏ ଯେଉଁଠି ପାରିଛି ନିଜକୁ ଟ୍ରେନ ଭିତରେ ସ୍ଥାନିତ କରିଛି। ଥମି ଯାଇଥିଲା ରାଜନୀତି ଚର୍ଚ୍ଚା..!

ଆଳି,
କେନ୍ଦ୍ରାପଡ଼ା

କଟକ
ମୋ.ନଂ-୯୫୫୬୩୯୧୪୧୫

## ଜୀବନ ଦର୍ପଣ

ଆଦିତ୍ୟ ମହାପାତ୍ର

ଜଣେ ଆତ୍ମୀୟଙ୍କୁ ବସ୍ ଷ୍ଟାଣ୍ଡରେ ଛାଡ଼ିବାକୁ ଯାଇଥିଲି। ଗୋଟିଏ ପାଖକୁ ରାସ୍ତା କଡ଼ରେ ଖୋଲିଥିବା ରାକ୍ଷୀ ଦୋକାନ ମାନଙ୍କରେ ଭିଡ଼ ଜମିଥିଲା। ମୋର ନଜର ପଡ଼ିଲା ଗୋଟିଏ ଛୋଟ ଝିଅ ଉପରେ। ନୁଖୁରା ମୁଣ୍ଡ ଦେହରେ ମଇଳା ଚିରା ଫ୍ରକ୍‌ଟିଏ ପିନ୍ଧି ସେ ଲୋକଙ୍କ ଭିଡ଼ରୁ ଟିକେ ଦୂରେଇ ଛିଡ଼ା ହୋଇଥିଲା ଏବଂ ଅପଲକ ନୟନରେ ଗୋଟିଏ ବଡ଼ ରାକ୍ଷୀ ଦୋକାନ ଆଡକୁ ଚାହିଁ ରହିଥିଲା । ମୋ ଆଖି ତା' ପାଖରେ ଅଟକିଗଲା ।ମୁଁ କୌତୁହଳ ବଶତଃ ତା' ପାଖକୁ ଯାଇ ପଚାରିଲି,'କ'ଣ ଝିଅ, ରାକ୍ଷୀ ନେବୁ କି?' ସେ ମୁଣ୍ଡ ହଲାଇ 'ହଁ' ରେ ଉତ୍ତର ଦେଲା। -'କୋଉଟା ନେବୁ?' ସେ ଯେଉଁ ରାକ୍ଷୀଟିକୁ ଦେଖୁଥିଲା, କେବଳ ସେହି ରାକ୍ଷୀଟିକୁ ହାତରେ ଠାରି ମୋତେ ଦେଖେଇଦେଲା । ଅବଶ୍ୟ ସେଇ ରାକ୍ଷୀଟା ଖୁବ୍ ଛୋଟ ଆକାରର ଥିଲା। 'ବଡ଼ ରାକ୍ଷୀ ନେବୁ ଯଦି କହ।' ଧୀର ସ୍ୱରରେ ପଚାରିଲି। 'ନା, ମୋ ଭାଇ ଛୋଟ। ଏତେ ବଡ଼ ରାକ୍ଷୀ କଣ ହେବ?' ତା କଥା ଶୁଣି ମୁଁ ହସିଲି ଏବଂ ଝିଅଟିକୁ ସେହି ରାକ୍ଷୀଟି ଦେବାକୁ ଦୋକାନୀକୁ କହିଲି। ଦୋକାନୀ ତା ହାତକୁ ରାକ୍ଷୀ ବଢ଼ାଇବା କ୍ଷଣି ଝିଅଟି ମୋ ଆଡ଼କୁ ଚାହିଁ ମୁରୁକି ହସିଲା। ସତେ ଯେମିତି ଆକାଶର ଚାନ୍ଦ ସେ ହାତରେ ଧରି ପାରିଛି। ଦୋକାନ କରିଥିବା ଦୁଇ ଯୁବକ ଓ ଅନ୍ୟ ଗ୍ରାହକମାନେ ମୋତେ ଚକିତ ହୋଇ ଚାହିଁ ରହିଲେ । ମୁଁ ବୁଝିଗଲି ସେମାନଙ୍କ ଆଖିରେ କି ପ୍ରଶ୍ନ ଥିଲା । ଝିଅଟି ରାକ୍ଷୀ ଧରି ଦୌଡ଼ି ପଳାଇଲା । ମୁଁ ବି ସେମାନଙ୍କ ପ୍ରଶ୍ନର ଉତ୍ତର ଦେବାକୁ ସେଠାରେ ରହିବାକୁ ପସନ୍ଦ କଲିନି, ପଳାଇ ଆସିଲି । ମୁଁ ବାଇକ୍ ଧରି ଆଗକୁ ଆସିଲା ବେଳକୁ ଦେଖିଲି, ସେହି ଝିଅଟି ସେଇ ରାକ୍ଷୀଟିକୁ ଫୁଙ୍ଗୁଳା ଦେହରେ ଖଣ୍ଡେ ଚିରା ପ୍ୟାଣ୍ଟ ପିନ୍ଧି ବୁଲୁଥିବା ତା'ର ଭାଇକୁ ଦେଖାଉଛି ଆଉ କ'ଣ ଗୋଟେ କହୁଛି। ଦୁହେଁ ହସୁଥିବାର ମୁଁ ଦେଖିଲି। ଏତିକି ବେଳେ ମୋ ଉପରେ ସେଇ ଝିଅଟିର ଆଖି ପଡ଼ିଗଲା ତ ମୋ ଆଡ଼କୁ ଆଙ୍ଗୁଳି ଦେଖାଇ ତା ଭାଇକୁ କଣ ସବୁ କହିଲା। ସେମାନେ କଣ ସବୁ ନିଜ ଭିତରେ କଥାହେଲେ କେଜାଣି ଆଖି ପିଛୁଳାକେ ତା ସାନଭାଇ ମୋ ଆଡ଼କୁ ଦୌଡି ଆସିଲା। - 'ସେ ମୋ ହାତରେ ରାକ୍ଷୀ ବାନ୍ଧିଲେ ଚକୋଲେଟ୍ ଖାଇବାକୁ ପଇସା ମାଗିବ। ମୋତେ ବି ଗୋଟିଏ ରାକ୍ଷୀ ଦିଅ। ମୁଁ ତା ହାତରେ ବାନ୍ଧିଦେବି। ତାର ମୋର ଶୁଝିଯିବ।' ହେଲେ ମୋ ପାଖରେ ରାକ୍ଷୀ ନାହିଁ ବୋଲି କହିଲି ତ ସେ ମୁହଁ ଶୁଖେଇ ଦେଲା। -' ତାହେଲେ ତାକୁ କାହିଁକି ଦେଲ?' ସେତେବେଳକୁ ଝିଅଟି ଆମ ପାଖକୁ ଆସି ଯାଇଥିଲା। ତା ମୁହଁ ଶୁଖି ଯାଇଥିଲା। ମୁଁ ବୁଝି ପାରିଲି ସବୁକଥା। ଭାଇ ଭଉଣୀଙ୍କୁ ସେଇ ଜାଗାରେ ଠିଆ ହେବାକୁ କହି ପୁଣି ଫେରିଲି ସେଇ ରାକ୍ଷୀ ଦୋକାନ ପାଖକୁ। ଭାଇ ଭଉଣୀଙ୍କ ପାଖକୁ ଫେରିଲା ବେଳକୁ ମୋ ହାତରେ ଥିଲା ଆଗ ଭଳି ଆଉ ଗୋଟିଏ ରାକ୍ଷୀ ଆଉ ଦୁଇ ଜଣଙ୍କ ପାଇଁ ଦୁଇଟି କ୍ୟାଡବରି। ସେମାନଙ୍କ ଆଖିରେ ଯେଉଁ ଖୁସିର ଝଲକ ଦେଖିଲି ତାହା ଅନିର୍ବଚନୀୟ କଳାକୃତି କହିଲେ ଅତ୍ୟୁକ୍ତି ହେବ ନାହିଁ।

-' ତମେ କଣ ମନ୍ତ୍ରୀ ?' ଏମିତି ଏକ ପ୍ରଶ୍ନ ଝିଅଟି ଠାରୁ ଶୁଣି ମୁଁ ଅବାକ୍ ହୋଇଗଲି। -' ତମେ ଆମ ସାଙ୍ଗରେ ଫଟୋ ଉଠେଇବ?' ଏଥର ଝିଅଟିର ପ୍ରଶ୍ନ ମୋତେ ଖୁବ୍ ଆମୋଦିତ କଲା। ମୁଁ ବୁଝିଗଲି ଦୁଇ ନିଷ୍ପାପ ହୃଦୟର କଥା। ମୋ ଦେହରେ ଧଳା ପଞ୍ଜାବୀ ଦେଖି ସେମାନେ ଏମିତି କହୁଛନ୍ତି ବୋଲି ମୁଁ ବୁଝି ପାରିଲି। ସେମାନଙ୍କ ସାଥିରେ ଫଟୋ ଉଠାଇବା ପାଇଁ ଚାହିଁଲି ତ ସେମାନେ ଖୁବ୍ ଖୁସି ହୋଇଗଲେ। -' ଆମ ଫଟୋ ଖବରକାଗଜରେ ବାହାରିବ ?' ଆଖି ମିଟିମିଟି କରି ପଚାରିଲା ଝିଅଟିର କୁନି ଭାଇ। ମୁଁ ଫଟୋ ଉଠାଇ ସାରି ସେମାନଙ୍କୁ ଫଟୋଟିକୁ ମୋବାଇଲରେ ଦେଖାଇଲି। ଦୁହେଁ ଲାଜେଇ ଗଲେ। ହେଲେ ସେମାନେ କୌଣସି ସପ୍ତାଶ୍ଚର୍ଯ୍ୟ ଦେଖିବା ଭଳି ବିସ୍ଫାରିତ ଆଖିରେ ଫଟୋଟିକୁ ଚାହିଁ ରହିଲେ। -' ଏଇ ଫଟୋ ଦେଖିଲେ ମାଆ ବାପା ଆମକୁ ଚିହ୍ନି ପାରିବେ? ଆମକୁ ନେବା ପାଇଁ ଆସିବେ। ତମେ ଖବର କାଗଜରେ ଏଇଟାକୁ ଛପେଇ ଦେବ?' ଝିଅଟିର କଥା ଶୁଣି ମୋ ଭିତରେ ଦୁର୍ଭାବନା ଜାଗି ଉଠିଲା। ମନକୁ ପାପ ଛୁଇଁଲା। କ'ଣ ହୋଇଛି ସେମାନଙ୍କ ବାପାମାଙ୍କର। କେଉଁଠି ଅଛନ୍ତି ସେମାନେ? ଖବର ନେବାକୁ ତତ୍ପର ହୋଇ ପଡିଲି। ଯାହା ଜାଣିଲି ଏଇ କେଇ ଦିନ ତଳେ ପ୍ରବଳ ବର୍ଷା ଯୋଗୁଁ ଯେଉଁ ବନ୍ୟା ଆସିଥିଲା ସେଇଥିରେ ପିଲା ଦୁହିଁଙ୍କର ବାପା ମା ଭାସି ଯାଇଛନ୍ତି। ସେମାନେ ମଜୁରୀ ଖଟି ଯାଇ ଫେରିବା ବେଳେ ରାସ୍ତା ଧସି ଏ ଅଘଟଣ ଘଟିଛି। ପ୍ରଶାସନ ତରଫରୁ ଯେଉଁ ସ୍ୱତନ୍ତ୍ର ଉଦ୍ଧାର କାର୍ଯ୍ୟ ଜାରି ହୋଇଥିଲା ସେଥିରେ ବି ସେମାନଙ୍କ ପତ୍ତା ମିଳିପାରିନଥିଲା ତ ପିଲା ଦୁହିଁଙ୍କୁ ଏଇ ବସଷ୍ଟାଣ୍ଡ ସନ୍ନିକଟ ଶିବିରରେ ଥଇଥାନ କରାଯାଇଛି ବୋଲି ଜାଣି ମୁଁ ଦୁଃଖରେ ମ୍ରିୟମାଣ ହୋଇପଡିଲି। ସେଇ ପୁଅ ଝିଅ ଦୁହିଁଙ୍କ ସହିତ କଟାଇଥିବା ସମୟ ଯେତିକି ମୋତେ ଆମୋଦିତ କରିଥିଲା ତା'ଠୁ ଢେର୍ ବେଶି ବିଷାଦଗ୍ରସ୍ତ କରାଇଲା ସେମାନଙ୍କ ଜୀବନରେ ସଦ୍ୟ ଆସିଥିବା ଅପୂରଣୀୟ କ୍ଷତି ସମ୍ପର୍କରେ ଜ୍ଞାତ ହୋଇ..!!

ହାଇଟେକ୍ ମେଡିକାଲ କଲେଜ
ଭୁବନେଶ୍ୱର

## ମେଇଁ

ଲୋପାମୁଦ୍ରା ପରିଡ଼ା

ବେସ୍‌ମେଣ୍ଟରୁ ସ୍କୁଟି କାଢୁଛୁ ଆମେ ଘର ଲେଉଟାଣି ବେଳଟାରେ। ଆଣ୍ଟିମାନେ ଲାଗିପାଗି ଦିନଯାକର ଅଳିଆ ସଫା କରୁଛନ୍ତି ସ୍କୁଲର ତିନତାଲାଠୁ ଯେ ଗ୍ୟାରେଜ୍ ଯାଏଁ। ତାଙ୍କୁ ବି ଫେରିବାକୁ ହେବ ଯେଝା ନୀଡକୁ। ମୋର ସ୍କୁଟି ମୋ ଭଳିଆ। ମନୁଆ। ମନ ହେଲେ ଷ୍ଟାର୍ଟ ହବ ନହେଲେ ଯାଃ । ମୁଁ ଘଁଘାଁ ଚଲେଇଛି। ଶାହିନ୍ ଅପେକ୍ଷା କରି କରି ମତେ ଟଣ୍ଟ ମାରୁଛି। ହେ ମୋର ପ୍ରିୟ ବୁଢାଗାଡିର ମାଲିକିଆଣି କେତେବେଳେ ଯିବା ! ନା ଆଜି ରହିବା ଏଇଠି? ଯୋଜନା କଣ ? ମୁଁ ମନଦେଇ ଗାଡିକୁ ନେହୁରା ହେଉଛି ଚାଲେରେ! ଚାଲେ! ହଠାତ୍ ଶାହିନ୍ ତା ଗାଡି ବନ୍ଦ କରି ଦୌଡ଼ିଗଲା। ଆଲୋ କଣ ? ବୋଲି ମୁଁ ଚାହିଁ ଦେଖେ ଆଣ୍ଟିମାନେ ଓହ୍ଲେଇ ଆସୁଛନ୍ତି ସମ୍ମିଳିତ ହସାହସି ହେଇ।

ଜଣଙ୍କ ହାତରେ ପେଟିଏ ମାନେ ଆଠଟା ବିଲେଇଛୁଆ ଆଖି ଫିଟିନି। ଶାହିନ୍‌ର ବିଲେଇ ପ୍ରେମ ବିଶ୍ୱବିଖ୍ୟାତ। ତା ଘରେ ଚାଳିଶ୍ ଉପରେ ଛୁଆପିଲା ସମେତେ। ତା ମନ କଳକଳ ଝରଣା ହେଇଗଲା, ସିଏ ଯେମିତି ଶୁଣିଲା ଯେ ଆଣ୍ଟି ତାଙ୍କୁ ସବୁ ଉଷ୍ଟବିନମୁଖା କରିଛି ପିଲେ ଖଲିଦନାରୁ ଚଟପଟିଆ କୋଳି ନେଇ ପାଟିରେ ପକେଇଲା ପରି ସିଏ ଟପ୍ ଟାପ୍ କରି ସାତଟା ତା ବ୍ୟାଗରେ ପୁରେଇ ଆଉ ଗୋଟେ ଆଣି ମୋ କୋଳରେ ଥୋଇଦେଲା।

'ହେ ହେ ମୁଁ ଏ ସବୁ ପେରପେରା ବେପାର ପାରିବିନି ଲୋ ମାଆ। ତୁ ରଖେ ବିଲେଇଙ୍କର ମଙ୍ଗଳା ଦେବୀ। ମତେ ଏଥିରେ ପୁରାନା। ମୁଁ ଫସିଯିବି।' କହିବା ଭିତରେ ମୋ ସ୍କୁଟି ଆଗଡିକିରୁ ସେ ନୀରିହ ପ୍ରାଣୀଟି ଅତି ନିମ୍ନ ସ୍ୱରରେ ଦି ଥର ମେଇଁ ମେଇଁ କହିଲା। ମନେପଡିଲା ଝିଅ କେବେଠୁ ଅଳି କରୁଛି, 'ଆଣିଦେ ଲୋ ବୋଉ ମୋ ପାଇଁ ପପିଟେ କି ମାଛ କି ଚଢେଇ କି ଯାହା ହେଲେ ଗୋଟେ ପେଟ୍ ' ଯୋଗକୁ ତା ଜନ୍ମଦିନ ଆଉ ଦି ଦିନ ଥାଏ। ମୋ ମନରେ ତା ଖୁସିଚହଟା ଆଖି ଆଙ୍କି ହେଇଗଲା। ମୋ ଗାଡି ଯେମିତି ଏଇ କଥା ଘଟିବାକୁ ଅନେଇଥିଲା। ସୁନା ପିଲା ପରି ଷ୍ଟାର୍ଟ ହେଇଗଲା। ଶାହିନ୍ କହିଲା ବୁଢାଲୋକ ମାନେ ବେଶୀ ବୁଦ୍ଧିମାନ।

ସେଇଦିନ ସଞ୍ଜରେ ମୁଁ ପୁଣି ମାଆ ହେଲି। ପପୁବୋତଲ, ଡ୍ୟାଷ୍ଟିନ୍, ପଟି ସୁସୁ ବାନ୍ତି ସ୍ଥାବର ଦଖଲ ନେଲେ। ଘରେ ଚିଁ ଚିଁ ସହ ମିଁ ମିଁ ଲହରିଲା। ନାଁ ଦିଆଗଲା 'କ୍ୟାପଟେନ୍ ବି'। ଇଂରାଜୀ ଆଧୁନିକ ନାମକରଣ।

ବି'ଠୁ , ପିଲାଙ୍କ ବାପା ଆଡେଇ ଆଡେଇ ପ୍ରଥମେ ପ୍ରଥମେ ରହୁଥିଲେ ବି ଏବେ ଏବେ ଭୋରୁ ଭୋରୁ ଏକୁଟିଆ ବେଳେ ଦୁହିଁଙ୍କ ଧିର ମଧୁର ସ୍ନେହ ସିକ୍ତ ବାର୍ତ୍ତାଳାପ ମୋର କର୍ଣ୍ଣଗୋଚର ହେଇଛି। ଆପଣାପଣ କାହାକୁ ନ ବାନ୍ଧେ ଯେ !

ଏ ଭିତରେ ସିଏ ବଡ଼ ହେଇଛି। ରାତିପାର୍ଟି ସାରି ସକାଳୁ ଘରକୁ ଫେରିଛି। ଲିଭ୍‌ଇନ୍‌ରେ ରହିସାରିଛି। ମୋ ରାଗ ଦଶବାର ମଥାର ଦହି ଚହଲେଇଛି। ପିଉ ଉଠିଲେ ଘରୁ ବାହାର କରିଦେବି ବୋଲି ଧମକ ଦେଇଛି କିନ୍ତୁ ପାରିନି କାରଣ କହିବା ଲୋଡା ନାହିଁ।

ଆର ସପ୍ତାହରେ ଜାଣିଲି ଲୋଫି ବୋଲି ଆପାର୍ଟମେଣ୍ଟର ଅନ୍ୟ ଏକ ଗୁଲଗୁଲି ସୁନ୍ଦରୀ ବୁଲା କିନ୍ତୁ ପୋଷା ମାଇବିଲେଇଟି ଛ'ଟି ସନ୍ତାନର ଜନନୀ ହେବାର ସୌଭାଗ୍ୟ ଲଭିଛି। ମୁଁ ଆମ 'ବି'କୁ ଢେରେଢେଇକି ଚାହିଁଲାରୁ ସିଏ କେବଳ ସଗୌରବେ ଲାଞ୍ଜ ହଲେଇ ନୀରବ ରହିଲା। ବେସରମ୍ ବୋଲି ମୁଁ କହିବା ଆଗରୁ ଝିଅ ମୋର ଓକିଲାତି ଦଲିଲ୍ ପେଶ୍ କଲା ଯେ ସିଏ ସେମିତି କିଛି କରିନି। ହଉ ମୁଁ ନିରୁପାୟ। 'ବି'ନିର୍ଦ୍ଦୋଷରେ ଖଲାସ ।

ଆଜି ମଝିରାତିଆ ମହାରାଜ ହଠାତ୍ ବିଚଳିତ ବୋଧ କଲେ ଓ ଆମକୁ କରେଇଲେ। କବାଟ ଖୋଲ ଖୋଲ ବୋଲି ଅଡି ବସିଲେ ଯେ ମୁଁ ଆରକ ଜିଦ୍‌ରେ କହିଲି ତୁ ଜମା ଯାଇ ପାରିବୁନି। ଅଧରାତିଆ ବୁଲାବୁଲି ଢଙ୍ଗ ଛାଡ୍। କିନ୍ତୁ ସିଏ ଶୁଣିଲେ ତ ! ତଳେ ପାପଛଟାରେ ବିଦାରି ହେଲା। ହେଃ ମୁଁ କୋଉ ଶୁଣିବା ଲୋକ। ଲୁହା ଟାଣକୁ କମାର ଆହୁରି ଟାଣ୍। ମୁଁ ତକିଆ କାନରେ ଦେଇଦେଲି। ମତେ ନିଦ ହେଇଗଲା।

ଭୋରୁ ଉଠି ମୁଁ ଦେଖେ ଦାଣ୍ଡଦୁଆର ଝଞ୍ଜିରକୁ ଚାହିଁ ତପମୁଦ୍ରାରେ ଆଗ ଦୁଇଗୋଡ ଟେକି ଠିଆ 'ବି'।

- କେଡେ ଅଳଜ୍ୟାଟା କିରେ ତୁ ! ହଉ ଯା।' କହି କିଳିଙ୍କି ଫିଟେଇଦେଲି। ଅଦୃଶ୍ୟ ହେଇଗଲା ଫିରକି ।

ଅଧ ଘଣ୍ଟାଏ ବି ଯାଇନି। ଆପାର୍ଟମେଣ୍ଟ ଗ୍ରୁପ୍‌ରେ ଶହେ ଚାରି ନମ୍ବର ଫ୍ଲାଟ୍‌ର ସୋନଲ୍ ଯାହାକୁ ଆମେ ଲୋଫିର ମମ୍ମୀ ଆଖ୍ୟା ଦେଇଛୁ ତା ଅଜାଣତେ ସିଏ ଲେଖିଛି,' ଦମକଳ ବେଗରେ ସହାୟତା ଆବଶ୍ୟକ। ପାଇପ୍ କଟା ଲୋକଟେର ଠିକଣା କିଏ ଜାଣିଛ କି?'

ଭାଗ୍ୟଯୋଗକୁ ଦୀର୍ଘ ଅଠରଦିନ କାଳ ଛୁଟିବାରମିଶା ରାତି ଆଠ ନଅ ଯାଏ ସ୍କୁଲ ପ୍ରଦର୍ଶନୀ ପାଇଁ ଖଟିଥିବାରୁ ଏବଂ ସଂସ୍ଥାମୁଖ୍ୟଙ୍କର କେଉଁ ପୂଣ୍ୟବଳେ ସଦବୁଦ୍ଧି ଉଦେ ହେବାରୁ ଏକ ମାହେନ୍ଦ୍ର ବେଳାରେ ସିଏ ଆଜି ଦିନକ ଛୁଟି ଘୋଷଣା କରି କୃପା କରିଥିଲେ। ନହେଲେ ମୁଁ ଏତବେଳକୁ ଉଡନ୍ଛୁ ମାରିସାରିଥାନ୍ତିଣି ରାତି ପାହିଲେ ଚଢେଇ ଦାନା ଖୋଜିଗଲା ପରି। ମତେ ମିଳିଥିବା ଆଜିର ଏଇ ଛୁଟି ଉତ୍ସବକୁ ମୁଁ ଦିନତମାମ୍ ମଲାପରି ଖଟରେ ଲାଖି ଲାଖି କଟେଇବି ବୋଲି ଭାବିଥିଲି ଯେ ଏ ସୋନଲ୍‌ର ଶବ୍ଦତକ ମୋ ଉଦବେଗକୁ ବଢେଇଦେଲେ। ପ୍ରକୃତିଛଡା ମନ ମୋର ପରକଥାର କାରଣ ଖୋଜି ପଙ୍କରେ ଗୋଡ ବୁଡେଇବାକୁ ଆଗଭର ହେଲା। ଜାଣିବାକୁ ପାଇଲି ଯେ ଲୋଫିର ଛୁଆଟି ଛାତରେ ଖେଳୁଥିଲା। ବର୍ଷାଜଳ ସଂରକ୍ଷଣ ବ୍ୟବସ୍ଥା ଥିବା ମୋଟା ପାଇପ୍‌ର ଜାଲ କଟି ମୁହଁ ମେଲା ଥିଲା। ବିରାଡିଛୁଆଟି ତହିଁ ଭିତରକୁ ଖସିପଡିଛି। ମନ ବିକଳ ହେଲା। ଦଉଡିଲି। ଛାତ ତାର ଆକୁଳ କ୍ରନ୍ଦନରେ ଥରୁଥିଲା ଯେମିତି। ଅନ୍ଧକୂଅରେ ଜୀବନଟି ତ୍ରାହିମାମ୍ ତ୍ରାହିମାମ୍ ଡାକ ଛାଡୁଥିଲା। ଯେତେକ ଅଯନ୍ କାମ। ମନ ଚିଡିଲା କଟିଥିବା ଜାଲ ଅସଜଡା ଦେଖି। ଏବେ ଉପାୟ କଣ ? ତଳେ ସୋନଲ୍ ଆଉ ପାଇପ୍ ମିସ୍ତ୍ରୀ ପିଲାଟି। ଧନଞ୍ଜୟ ତାର ନାଁ। ଦିଜଣ ଯାକ ଛାତରୁ ତଳ, ତଳରୁ ଛାତ ହେଉଛନ୍ତି। ଚାରିଟା ତାଳଗଛ ଉଚ୍ଚ ପାଇପ୍ । ତା ଭିତରେ ବାଲି ପତର ଛଣା ସରୁଜାଲି। କୋଉଠି ଅଛି ଛୁଆଟି? ଖାଲି ଆତୁର ମେଇଁ ମେଇଁ ମେଇଁ କାନ୍ଦ ଛଡା କିଛି ଦିଶୁନି। ଧନଞ୍ଜୟ ଉପରୁ ହାତ ପାଇବା ଯାଏଁ ଫାଳେ ପାଇପ୍ କାଟି ସାରିଥାଏ। ପିଲା ଦିଶୁନଥାଏ। ସୋନଲ୍ କାନ୍ଦି ଚାଲିଥାଏ। ଛ' ହାତ ଛାଡି ଚଞ୍ଚଳାଲୋଫି ବଡ ଥମ୍ ହେଇ ବସି କରୁଣ ଦୃଷ୍ଟିରେ ଖାଲି ଯାକୁ ତାକୁ ଚାହୁଁଥାଏ। ଅନୁରୋଧ କରୁଥାଏ ଯେମିତି ବଞ୍ଚେଇଦିଅରେ କିଏ ମୋ ପିଲାଟାକୁ। ବୁଧବାରଟା। ଆପାର୍ଟମେଣ୍ଟରେ ବୟସ୍କ କେତେଜଣଙ୍କୁ ଛାଡ଼ି ଚାରିଆଠ ଜଣ ଆମେ ଅଛୁ। ମୁଁ ଛାତରୁ ଚେମେଣି ଭଳିଆ ଲେପେଟି ଆଃ - ଆ, ଚୁ - ଚୁ ଡାକୁଥାଏ। ହେଲେ ଓଲଟାପଟିଆ ସିଏ ବୁଲିବ କେମିତି ? ପଛୁଆ ପଛୁଆ ବି ଆସିବ କେମିତି? କୋଉ ତାର ମଣିଷ ଭଳିଆ ଖୁସପୁସିଆ ବୁଦ୍ଧି ଅଛି ! ଧନଞ୍ଜୟ ତାର ସବୁ ଜ୍ଞାନ କୌଶଳ ଲଗଉଥାଏ। ଚାରିପଟେ କ୍ରମଶଃ ଜମିଥିବା ଲୋକେ ସୋନଲ୍‌କୁ ପ୍ରବୋଧନା ଦେଉଥାନ୍ତି ଓ ଧନଞ୍ଜୟକୁ ସାଧମତେ ଉପାୟ। ମୁଁ ଅହରହ ପ୍ରାର୍ଥନା କରୁଥାଏ। ଘଡିଏ କାଳ ଲାଗିବା ପରେ ତଳୁ ପାଇପ୍, ତାରଜାଲି ଓ ନାଳଜାଲି କାଟି ଉଡେଇଦେଲା ପରେ ଦିଶିଲା ଆଲୋକର ଆଶା। ଧନଞ୍ଜୟ ହାତରେ ବାଜିଲା ବିଲେଇଛୁଆ। ସିଏ ବଡ଼ ଉତ୍ସାହରେ ଯେମିତି ଘୋଷଣା କରିଛି ଏତକ, ଛୁଆ ବିଲେଇ ତା ହାତରୁ ହାତ ଖସେଇନେଇ ନିଜକୁ ପାଇପ୍ ଭିତର ମୁହଁକୁ ଲାଖିଗଲା। ନିର୍ଭୟରେ ଭରସି ପାରିବା ତା ଦେଇ ହେଲାନି। ସିଏ ବୁଝିଲାନି ଯେ ଈଶ୍ୱର କାନ୍ଦିଲେଣି। ଈଶ୍ୱର ଚାରିପଟୁ ସବୁ ପରିଶ୍ରମ ଲଗେଇ ଚେଷ୍ଟା ଚଲେଇଛନ୍ତି ତାକୁ ବଞ୍ଚେଇବା ପାଇଁ। ସିଏ କଷ୍ଟରେ ଥାଇ ମୁକିଳିବାକୁ ଚାହିଁ ବି ଅନ୍ଧାରକୁ ଜାବୁଡି ଧରିଲା। ବାହାରେ ଯେ ଏତେ ଲହଡିମାରୁଥିବା ପ୍ରେମ ତାକୁ ଅପେକ୍ଷା କରିଛି ତାର ହୃଦବୋଧ ହେଲା କୋଉ! ସିଏ ଆରେଇଲା ଅନ୍ଧାରକୁ। ଆଣ୍ଠେଇ ପଡି ସୋନଲ୍, ଠିଆ ହେଇ ଆମେ ସମସ୍ତେ ଯେତେ ଆ -ଆ-ଆ ଡାକିଲୁ, ଏମିତିକି ଲୋଫି ଆସି ବି ଯେତେ ସେଁ ମେଁ କଲା କୁନିଶିଶୁଟି ଟସମସ ହେଲାନି। ଶେଷକୁ ଈଶ୍ୱର ନିଷ୍ପତ୍ତି ନେଲେ । ଧନଞ୍ଜୟ ସେ ନାଳ ପାଇପ୍‌ରେ ହାତ କହୁଣି ଯାଏ ପୁରେଇଲା ଆଉ ତାକୁ ଭିଡିଆଣିଲା ମହାବିପଦରୁ । ମୃତ୍ୟୁ କବଳରୁ ମହାକାଳ ଯେ ଶକ୍ତିଶାଳୀ ଏହା ପୁନଶ୍ଚ ସିଦ୍ଧ ହେଲା।

ଅନଭିଜ୍ଞ ମନ ଅଜ୍ଞାନତାକୁ ପାଳେ, କଷ୍ଟ ପାନ୍ତି ଈଶ୍ୱର ॥ ମନକୁ ଆସିଲା, ଆମେ ବି ଠିକ୍ ଏମିତି ଏଇ ବିଲେଇ ପିଲା ପରି, ନୁହେଁ କି ?

ମୋ ପଛରେ ଠିଆ ହେଇଥିଲା କ୍ୟାପଟେନ୍ ବି' ଆଖିରେ କୃତଜ୍ଞତା ନେଇ ।



ପାନାଥୁର
ବାଙ୍ଗାଲୋର

ଭୁବନେଶ୍ୱର, ୧୧ ସେପ୍ଟେମ୍ବର, ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ହେଲା ବଡ଼ ମହାସ୍ନାନ



**ପୁରୀ ୧୦/୦୯ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବଡ଼ ମହାସ୍ନାନ। ଭିତର କାଠ ନିକଟରେ ବାନ୍ତି ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ଗୁରୁବାର ସକାଳ ଧୂପ ପରେ ଚାଲିଥିଲା ଭିତରକାଠ ଦର୍ଶନ। ଭିତର କାଠ ନିକଟରେ ବାନ୍ତି ପଡ଼ିଥିବା ସେବାୟତ ଦେଖିଥିଲେ। ପରେ ମହପ୍ରଭୁଙ୍କ ସମସ୍ତ ନୀତିକାନ୍ତି କିଛି ସମୟ ପାଇଁ ବନ୍ଦ କରାଯାଇ ଠାକୁରଙ୍କ ବଡ଼ ମହାସ୍ନାନ କରାଯାଥିଲା। ଠାକୁରଙ୍କ ବଡ଼ ମହାସ୍ନାନ ଯୋଗୁଁ ଦର୍ଶନ ବନ୍ଦ ରହିଥିଲା। ମହାସ୍ନାନ ନୀତି ପରେ ପୁନର୍ବାର ସର୍ବସାଧାରଣ ଦର୍ଶନ ଚାଲିଥିଲା। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଜାରି କରାଯାଇଛି।

# ନୂଆଁଖାଇରେ ମହରଗ ନୂଆଧାନ, ପାକଳ ହେବାକୁ ଆହୁରି ୧୫ ଦିନ : ଚିନ୍ତାରେ ଚାଷୀ

**ବରଗଡ଼,୧୦/୯ ନ୍ୟୁଜ ବ୍ୟୁରୋ**

ଗଣପର୍ବ ନୂଆଁଖାଇ ପାଇଁ ପଶ୍ଚିମ ଓଡ଼ିଶାରେ ଚୂଡାନ୍ତ ପର୍ଯ୍ୟାୟରେ ପ୍ରସ୍ତୁତି। ମା' ସମଲେଶ୍ୱରୀଙ୍କ ସମେତ ନିଜ ନିଜ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀଙ୍କ ପୀଠରେ ଲଗ୍ନ ଘୋଷଣା ହୋଇସାରିଛି। ହାତରେ ମାତ୍ର ୫ ଦିନ। ହେଲେ ପର୍ବର ପ୍ରମୁଖ ଉପାଦାନ ନୂଆଧାନକୁ ନେଇ ଦେଖାଦେଇଛି ସଙ୍କଟ। କାରଣ ଏଯାଏ ଧାନ ପାକଳ ହୋଇନି। ଏଥିପାଇଁ ଅତିକମରେ ଆହୁରି ୧୫ଦିନ ସମୟ ଲାଗିବ। ନୂଆଧାନ ଅଭାବରେ କିଭଳି ନୂଆଁଖାଇ ପାଳନ କରାଯିବ ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ବରଗଡ଼ର ଚାଷୀ ଓ ଅଧିବାସୀ। ଓଡ଼ିଶାର ଭାତହାଣ୍ଡି ବରଗଡ଼ ଜିଲ୍ଲାରେ ଚଳିତ ବର୍ଷ ଯଥେଷ୍ଟ ବିଳମ୍ବରେ ଆରମ୍ଭ ହୋଇଛି ଖରିଫ୍ ଚାଷ। ସେପ୍ଟେମ୍ବର ପ୍ରଥମ ସପ୍ତାହ ଅତିକ୍ରାନ୍ତ ହୋଇଯାଇଥିଲେ ସୁଦ୍ଧା ଚାଷ ଅଧାଅଧି ପର୍ଯ୍ୟାୟ ଡେଇଁନାହିଁ। କୌଣସି ଗୋଟିଏ ସ୍ଥାନରେ ଧାନ ଅମଳଯୋଗ୍ୟ ହୋଇନାହିଁ। ବଡ଼ଧାନ ତ ଦୂରର କଥା, ଛୋଟ ଧାନ ମଧ୍ୟ ପାକଳ ହୋଇନାହିଁ। ବାହାଲ ଜମିରେ ରୁଆ ଯାଇଥିବା ଛୋଟ ଧାନ ପିଲ ଉଠୁଛି। ମାଲ ଜମିର ଧାନ ସବୁ ଗର୍ଭଧାରଣ କରିଛି। ଗର୍ଭିଣୀ ଧାନଗଛରୁ କେଣ୍ଡା ବାହାରିବାକୁ ଅନ୍ତତଃ ୧୫ଦିନ ଲାଗିବ। ଛୋଟଧାନ ଅକ୍ଟୋବର ୧୫ ପରେ ପାକଳ ହେବ। ବଡ଼ଧାନ ଅମଳ ହେବା ବେଳକୁ ଅକ୍ଟୋବର ଟପିବ। ପଶ୍ଚିମ ଓଡ଼ିଶାର ପ୍ରାୟ ସବୁ ଜିଲ୍ଲାରେ ସ୍ଥିତି ସମାନ। ତେଣୁ ନୂଆଁଖାଇ ପାଇଁ ଆବଶ୍ୟକ ଧାନକୁ ନେଇ ଚିନ୍ତା ବଢ଼ିଛି। ଚାଷୀଙ୍କ କହିବା କଥା, ଚଳିତ ବର୍ଷ ଜୁନରେ କମ୍ ବର୍ଷିଲା। ଜୁଲାଇରେ ମାତ୍ରାଧିକ ବର୍ଷା ବନ୍ୟା ଆଣିଲା। ତଥାପି ଠିକ୍ ସମୟରେ ଚାଷ ଉଠିଯିବ ବୋଲି ଆଶା ଥିଲା। ହେଲେ ଏଗ୍ରିଷ୍ଟାକ ଭଳି ନିୟମରେ ଧନ୍ଦି ହୋଇ ଚାଷୀ ଚାଷରେ ମନ ଦେଇ ପାରିଲେନି। ଫଳରେ ଚାଷ ଆହୁରି ବିଳମ୍ବିତ ହୋଇଛି। ନୂଆଧାନ ସଂଗ୍ରହକୁ ନେଇ ପ୍ରତି ପରିବାର ସଂଘର୍ଷ କରୁଛନ୍ତି। ନୂଆଁଖାଇ ପାଇଁ ୬୦ଦିନ ବା ଦୁଇମାସରେ ଅମଳ କ୍ଷମ ଧାନ ଚାଷ କରାଯାଏ। ବରଗଡ଼ ଜିଲ୍ଲାରେ ସରିଆ ଓ ଷାଠିଆ, ଦେବଗଡ଼ ଜିଲ୍ଲାରେ ଗୁଡା ଓ କରଙ୍ଗା, କଳାହାଣ୍ଡି ଜିଲ୍ଲାରେ ସେତକା ଓ ପାହାଡି ଜୀରା କିସମ ଏଥିପାଇଁ ବର୍ଷ ବର୍ଷ ଧରି ନିର୍ଭରଯୋଗ୍ୟ ରହିଆସିଛି। ସାଧାରଣତଃ ୫୫ରୁ ୬୦ଦିନ ଭିତରେ ଅମଳ ହୋଇପାରୁ ଥିବାରୁ ନୂଆ ଧାନ ସଂଗ୍ରହରେ ବିଶେଷ ସମସ୍ୟା ହେଉ ନ ଥିଲା। କିନ୍ତୁ ଚଳିତ ବର୍ଷ ବିଳମ୍ବିତ ଖରିଫ୍ ଚାଷ ସମସ୍ୟାକୁ ବହୁଗୁଣିତ କରିଦେଇଛି। ବିଳମ୍ବିତ ଚାଷ ସମୟରେ ଉଠା ଜଳସେଚିତ ଜମିର ଧାନ ନୂଆଖାଇରେ ଆଶାର କିରଣ ସାଜୁଥିଲା। କିନ୍ତୁ ପାୱାରକଟ୍, ଲୋଭୋଲଟେଜ୍ ସମସ୍ୟା ଏବଂ ବକେୟା ବିଜୁଳି ବିଲ୍ ଆଦାୟ ଆଳରେ ସଂଯୋଗ ବିଚ୍ଛିନ୍ନରେ ଚାଷୀ ଚିନ୍ତାଗ୍ରସ୍ତ ହୋଇଛନ୍ତି। ଏଭଳି ସ୍ଥଳେ ପଶ୍ଚିମ ଓଡ଼ିଶାବାସୀ ଛତିଶଗଡ଼ର ଧାନ ଉପରେ ନିର୍ଭର କରିବେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ଉଲ୍ଲେଖଯୋଗ୍ୟ, ବରଗଡ଼, ସମ୍ବଲପୁର, ବଲାଙ୍ଗିର, ନୂଆପଡ଼ା ଅଞ୍ଚଳରେ ସରିଆ ଧାନରେ ନୂଆଁଖାଇ ପାଳନ କରାଯାଏ। ସେହ୍ୱା ଧାନରେ ନୂଆ ଖାଇଥାନ୍ତି କଳାହାଣ୍ଡି ଅଞ୍ଚଳବାସୀ। ସେହିଭଳି ବୌଦ୍ଧ, ରେଢ଼ାଖୋଲ, ସୋନପୁର ଅଞ୍ଚଳବାସୀ ଷାଠିଆ, ଗୁଡ଼ା, କରଙ୍ଗା ଧାନ ଉପରେ ନିର୍ଭର କରିଥାନ୍ତି। ଉପରୋକ୍ତ କୌଣସି ଜିଲ୍ଲାରେ ପାକଳ ଧାନର ଚିହ୍ନବର୍ଣ୍ଣ ନଥିବାରୁ ନୂଆଧାନ ମହରଗ ହେବ ବୋଲି ଜଳଜଳ ହୋଇ ଦିଶୁଛି।

# ଟ୍ରେନ୍ ଧକ୍କାରେ ଦନ୍ତା ମୃତ

**ରାୟଗଡା, ୧୦/୦୯ ନ୍ୟୁଜ ବ୍ୟୁରୋ**

ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ରେଞ୍ଜ ଅନ୍ତର୍ଗତ ବୃନ୍ଦାବାଡ଼ି ନିକଟରେ ଘଟିଛି ଏକ ଦୁର୍ଘଟଣା। ଗତ ବୁଧବାର ରାତିରେ ଚାଟିକଣା-ଥେରୁବାଲି ଷ୍ଟେସନ୍ ମଧ୍ୟବର୍ତ୍ତୀ ବୃନ୍ଦାବାଡ଼ି ନିକଟ ରେଳଧାରଣା ପାର ହେଉଥିବା ବେଳେ ଦନ୍ତା ହାତୀଟି ଟ୍ରେନ୍ ଧକ୍କାର ଶିକାର ହୋଇଥିଲା। ଧକ୍କା ଏତେ ଭୟଙ୍କର ଥିଲା ଯେ, ଘଟଣାସ୍ଥଳରେ ହିଁ ଦନ୍ତା ହାତୀର ମୃତ୍ୟୁ ଘଟିଛି। ଘଟଣା ସମ୍ପର୍କରେ ଖବର ପାଇବା ପରେ ଘଟଣାସ୍ଥଳରେ ପହଞ୍ଚିଛି ବନ ବିଭାଗର ଟିମ୍। ହାତୀର ମୃତ୍ୟୁ କିଭଳି ଓ କେଉଁ ପରିସ୍ଥିତିରେ ଘଟିଲା, ସେନେଇ ତଦନ୍ତ ଆରମ୍ଭ କରିଛି ବନ ବିଭାଗ। ତେବେ ରେଳଧାରଣା ପାର ହେଉଥିବା ସମୟରେ ଦନ୍ତା ହାତୀଟି ଟ୍ରେନ୍ ଧକ୍କାରେ ପ୍ରାଣ ହରାଇଥିବା ଜଣାପଡ଼ିଛି। ଘଟଣାକୁ ନେଇ ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# କିଟ୍‌ରେ ଇଂଲିଶ ଆକସେସ୍ ସ୍କଲରାସିପ୍ କାର୍ଯ୍ୟକ୍ରମ ଆରମ୍ଭ

**ଭୁବନେଶ୍ୱର, ୧୦/୦୯ ନ୍ୟୁଜ ବ୍ୟୁରୋ**

ହାଇଦ୍ରାବାଦ ସ୍ଥିତ ଆମେରିକାର କନସୁଲେଟ୍ ଜେନେରାଲ୍ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ମିଳିତ ସହଯୋଗରେ କିଟ୍‌ରେ ପଢୁଥିବା ବିଜ୍ଞାନ, ପ୍ରଯୁକ୍ତି, ଇଞ୍ଜିନିୟରିଂ ଓ ଗଣିତ ବା (ଷ୍ଟେମ୍) ଛାତ୍ରଛାତ୍ରୀଙ୍କ ପାଇଁ ଇଂଲିଶ ଆକସେସ ସ୍କଲରାସିପ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଆମେରିକା ମିଶନ୍ ଇଣ୍ଡିଆର ରିଜିଓନାଲ୍ ଇଂଲିଶ ଲାଙ୍ଗୁଏଜ ଅଫିସ୍ (ରେଲୋ) ସହଯୋଗରେ ଏହି କାର୍ଯ୍ୟକ୍ରମ ବୁଧବାର କିଟ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ହାଇଦ୍ରାବାଦସ୍ଥିତ ଆମେରିକୀୟ କନସୁଲେଟ୍‌ର କନସୁଲ୍ ଜେନେରାଲ୍ ଲାରା ୱିଲିୟମ୍ସଙ୍କ ସମେତ କନସୁଲେଟ୍‌ର ଏକ ପ୍ରତିନିଧି ଦଳ ଉପସ୍ଥିତ ଥିଲେ। ଏହା ଏକ ଏକବର୍ଷିଆ ସ୍କଲାରସିପ୍ କାର୍ଯ୍ୟକ୍ରମ ହୋଇଥିବା ବେଳେ ବିଜ୍ଞାନ, ପ୍ରଯୁକ୍ତି, ଇଞ୍ଜିନିୟରିଂ ଓ ଗଣିତ ବିଷୟ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ପାଇଁ ଏହି କାର୍ଯ୍ୟକ୍ରମ ପରିକଳ୍ପନା କରାଯାଇଛି। ଗବେଷଣା ଓ ଏକାଡେମିକ୍ ଯୋଗାଯୋଗ କ୍ଷେତ୍ରରେ ଆମେରିକୀୟ ମାନଦଣ୍ଡ ସଂପର୍କରେ ଛାତ୍ରଛାତ୍ରୀଙ୍କ ବୁଝାମଣାକୁ ମଜଭୁତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ୫୦ ଜଣ ଛାତ୍ରଛାତ୍ରୀ ନାମ ଲେଖାଇବେ। ଆମେରିକା ଓ ଭାରତ ମଧ୍ୟରେ ଅଧିକ ଘନିଷ୍ଠ ସହଯୋଗ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଉଚ୍ଚଶିକ୍ଷା, ଗବେଷଣା ଓ ବୃତ୍ତିଗତ କ୍ଷେତ୍ରରେ ସଫଳତା ହାସଲ ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇବା ସହ ଏହି କାର୍ଯ୍ୟକ୍ରମ ସେମାନଙ୍କୁ ବିଶ୍ୱସ୍ତରୀୟ ଅଭିଜ୍ଞତା ଓ ଏକ୍ସପୋଜ ପ୍ରଦାନ କରିବ। ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରିବା ସହ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପାଇଁ ଆମେରିକା କନସୁଲେଟ୍ ଜେନେରାଲ୍ ଏବଂ ରେଲୋକୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଲେ, ଏହି କାର୍ଯ୍ୟକ୍ରମ ଷ୍ଟେମ୍



ବିଷୟର ଛାତ୍ରଛାତ୍ରୀଙ୍କୁ ନିଜର ଯୋଗାଯୋଗ ଓ ଗବେଷଣା ଦକ୍ଷତାକୁ ଆମେରିକୀୟ ମାନଦଣ୍ଡ ସହିତ ସମନ୍ୱିତ କରିବାରେ ସହାୟତା କରିବ। କିଟ୍ ଛାତ୍ରଛାତ୍ରୀଙ୍କୁ ଏଭଳି ସୁଯୋଗ ମିଳିବା ନିଶ୍ଚିତ ଗୌରବର ବିଷୟ। ଏଭଳି ସୁଯୋଗ ସେମାନଙ୍କୁ ବିଶ୍ୱସ୍ତରରେ ଶିକ୍ଷାଲାଭ, ଯୋଗାଯୋଗ ଓ ଆଗକୁ ବଢ଼ିବାରେ ସହାୟକ ହେବ ବୋଲି ଡ. ସାମନ୍ତ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହା ପୂର୍ବରୁ ଆମେରିକା ଦୂତାବାସ ସହଯୋଗରେ ଏବଂ ଆମେରିକାର ଡିପାର୍ଟମେଣ୍ଟ ଅଫ୍ ଷ୍ଟେଟ୍ ଦ୍ୱାରା ପରିଚାଳିତ ଇଂଲିଶ ଆକସେସ୍ ମାଇକ୍ରୋସ୍କଲାରସିପ୍ ପ୍ରୋଗ୍ରାମ ୨୦୦୯ ମସିହାରେ କିସ୍‌ରେ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇ ବର୍ତ୍ତମାନ ପର୍ଯ୍ୟନ୍ତ ଜାରି ରହିଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଛି ସ୍କୁଲ୍ ପରବର୍ତ୍ତୀ ଶ୍ରେଣୀ ଏବଂ ବିଶେଷ ପ୍ରଶିକ୍ଷଣ ଅଧିବେଶନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମୌଳିକ ଇଂରାଜୀ ଭାଷା ଦକ୍ଷତା ବିକଶିତ କରିବା, ଆମେରିକୀୟ ସଂସ୍କୃତି ସଂପର୍କରେ ଜାଣିବା ଓ ସେମାନଙ୍କ ମଧ୍ୟରେ ଆଲୋଚନାତ୍ମକ ଚିନ୍ତନଶକ୍ତିର ବିକାଶ କରିବା।

### ଆଇପିଏସ୍ ଓ ଡା. ଆର.ଏନ୍ ଲାହୋଟି ମେଡ଼ିକାଲ୍ କଲେଜ ଆନୁକୂଲ୍ୟରେ ବେଦନା ବ୍ୟବସ୍ଥା ଶୀର୍ଷକ ଜାତୀୟ ସମ୍ମିଳନୀ

# ପ୍ରଫେସର ଡା. ଚତୁର୍ଭୁଜ ଭୂୟାଁଙ୍କ ଇଂରାଜୀ ପୁସ୍ତକ 'ଦୋସ୍ତ' ଲୋକାର୍ପିତ

**ଭୁବନେଶ୍ୱର, ୧୦/୦୯ ନ୍ୟୁଜ ବ୍ୟୁରୋ**

ଇଣ୍ଡିଆନ୍ ପ୍ରୋକ୍ଟୋଲୋଜି ସୋସାଇଟି (ଆଇପିଏସ୍), ଓଡ଼ିଶା, ଡା. ଆରଏନ୍ ଲାହୋଟି ଆର୍ଯ୍ୟୁ ମେଡ଼ିକାଲ ଗବେଷଣା ସଂସ୍ଥାନ ଆନୁକୂଲ୍ୟରେ ଗତ ୫ ଓ ୬ ତାରିଖ ୨ ଦିନ ଧରି ବେଦନା ବ୍ୟବସ୍ଥା (ପେନ୍ ମ୍ୟାନେଜ୍‌ମେଣ୍ଟ) ଶୀର୍ଷକ ଜାତୀୟ ସମ୍ମିଳନୀ ଆଇପିଏସ୍ ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରଫେସର ଇମିରିଟସ୍ ଡା. ଚତୁର୍ଭୁଜ ଭୂୟାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥଲା। ଏହି ସମ୍ମିଳନୀ ବିଜ୍ଞାନ ମାନସ ମନ୍ଥନରେ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାରାଷ୍ଟ୍ର ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ତଥା ମେଡିକାଲ୍ ସିଷ୍ଟମ ଅନୁଷ୍ଠାନର ଡିନ୍, ପ୍ରଫେସର, ଶିକ୍ଷକ, ଗବେଷକ, ପ୍ରଖ୍ୟାତ ବିଶେଷଜ୍ଞ, ବୈଜ୍ଞାନିକ, ଡାକ୍ତରୀ ଛାତ୍ରଛାତ୍ରୀଙ୍କ ସମେତ ୭୦୦ରୁ ଅଧିକ ଯୋଗଦେଇ ଶତାଧିକ ଗବେଷଣା ଶୋଧପତ୍ର ପଢ଼ିବା ସହିତ ଜୀବନ୍ତ ଫଟୋ ବ୍ୟାଖ୍ୟାନ ଉପସ୍ଥାପନ କରିଥିଲେ। ସମ୍ମିଳନୀର ଉଦ୍‌ଘାଟନ ଉତ୍ସବରେ ମନ୍ତ୍ରୀ, କୁଳପତି ଓ ବିଶିଷ୍ଟ ବ୍ୟକ୍ତିଙ୍କ ଗହଣରେ ପ୍ରଫେସର ଭୂୟାଁଙ୍କ ଇଂରାଜୀ ଲିଖିତ ପୁସ୍ତକ 'ଦୋସ୍ତ' ଜୀବନ ଶୈଳୀ ରୋଗ ଚିକିତ୍ସା ଓ ମହକ ଔଷଧି ହିନ୍ଦୀ ପୁସ୍ତକ, ସେମିନାର ସୋଭିନିୟର ଲୋକାର୍ପିତ ହୋଇଥିଲା ଏବଂ ଡା. ଭୂୟାଁଙ୍କ ଇଂରାଜୀ ଲିଖିତ ଏକାଧିକ ପୁସ୍ତକ ସମ୍ମାନୀୟ ବ୍ୟକ୍ତିଙ୍କୁ ବଣ୍ଟନ କରାଗଲା। ଇଣ୍ଡିଆନ୍ ପ୍ରୋକ୍ଟୋଲୋଜି ସୋସାଇଟି ଏବଂ ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦ ଜଣ ସ୍ୱନାମଧନ୍ୟ ବିଶେଷଜ୍ଞଙ୍କୁ ଫେଲୋସିପ୍



ଏବଂ ଡ. ନରେନ୍ଦ୍ର ଗୁଜୁରାତି ଓ ଡ. ଉମେଶ ଲାହୋଟିଙ୍କୁ ଶିକ୍ଷଣ ଓ ଅନୁସନ୍ଧାନ ନିମିତ୍ତ ଜୀବନ ଗୌରବ ପୁରସ୍କାର ସମ୍ମାନ ସହିତ ପ୍ରଫେସର ଇମିରିଟସ୍ ଡ. ଚତୁର୍ଭୁଜ ଭୂୟାଁଙ୍କୁ ତାଙ୍କର ୫୦ ବର୍ଷ ଧରି ସମନ୍ୱିତ ଚିକିତ୍ସା, ଗବେଷଣା, ଶିକ୍ଷା, ଶତାଧିକ ଇଂରାଜୀ, ହିନ୍ଦୀ ଓ ଓଡ଼ିଆ ଭାଷାରେ ଲିଖିତ, ଗବେଷଣା ଶୋଧପତ୍ର, ଦେଶ, ବିଦେଶରେ ପ୍ରକାଶିତ ଏବଂ ସର୍ବୋପରି ପ୍ରୋକ୍ଟୋଲୋଜି ଡିଗ୍ରୀ ପ୍ରଚଳନ, ଗବେଷଣା, ସଂସ୍ଥାନ ଗଠନରେ ବିଶିଷ୍ଟ ବ୍ୟକ୍ତିତ୍ୱ ପାଇଁ ତାଙ୍କୁ ଡକ୍ଟରେଟ୍ ଏବଂ ଜୀବନ ଗୌରବରେ ସମ୍ମାନୀତ କରାଯାଇଥିଲା। ସମ୍ମିଳନୀ ଶେଷ ପର୍ଯ୍ୟାୟରେ ଶୋଧପତ୍ର ଉପସ୍ଥାପକ ଏବଂ ସମ୍ମିଳନୀର ପରିଚାଳନା ବୃନ୍ଦଙ୍କୁ ପ୍ରଫେସର ଭୂୟାଁ ସାର୍ଟିଫିକେଟ୍, ଟ୍ରଫି, ଉତ୍ତରୀୟ ଦେଇ ସମ୍ମାନୀତ କରିଥିଲେ। ଏହି ଜାତୀୟ ସମ୍ମିଳନୀରେ ବେଦନା ବ୍ୟବସ୍ଥା ଉପରେ ସଫଳ, ଗୁଣାତ୍ମକ, ସମନ୍ୱିତ ଚିକିତ୍ସା ମନ୍ଥନ ଅତ୍ୟନ୍ତ ଉତ୍କର୍ଷ, ଶିକ୍ଷଣୀୟ, କରଣୀୟ ସହିତ ଏକାଧିକ ବେଦନା ନାଶକ ବୈଜ୍ଞାନିକ ଆବିଷ୍କାର ଯନ୍ତ୍ର, କୌଶଳ ପ୍ରଦର୍ଶନ କରାଯାଇଥିଲା। ଏପରି ଜାତୀୟ ସମ୍ମିଳନୀକୁ ସଂଗଠନ, ପରିଚାଳନା କରିଥିବା ଅନୁଷ୍ଠାନର ପ୍ରଶାସକ ଅଧ୍ୟକ୍ଷ ପ୍ରଫେସର ବିହାର ବିଦ୍ୱାଇ ତଥା ଏକାଧିକ ଶିକ୍ଷକ, ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରିଥିଲା। ସେମାନଙ୍କର ଏହି ସଫଳ ଉଦ୍ୟମ, ଗବେଷଣା ଚିକିତ୍ସା ପ୍ରସାର ଦ୍ୱାରା ସେମାନେ ଉଚ୍ଚ ପ୍ରଶଂସିତ ହୋଇଥିଲେ।

# ପାରାଦୀପ ବନ୍ଦରରେ ଏମ୍‌ଟି ୟୁନିଟି ଜାହାଜକୁ ଆରେଷ୍ଟ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ



**କଟକ, ୧୦/୦୯ ନ୍ୟୁଜ ବ୍ୟୁରୋ**

ପାରାଦୀପ ବନ୍ଦରରେ ଏମ୍‌ଟି ୟୁନିଟି (ଆଇଏମଓ ୯୩୮୮୭୯୨) ଜାହାଜକୁ ଆରେଷ୍ଟ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟାବସାୟିକ ବିବାଦକୁ ନେଇ ଇଣ୍ଟରଓସିନ ସିପିଙ୍ଗ୍ (ଇଣ୍ଡିଆ) ପ୍ରାଇଭେଟ ଲିମିଟେଡ ପକ୍ଷରୁ ଦାୟର ସାମୁଦ୍ରିକ ବିବାଦ ସଂପର୍କିତ ଆବେଦନର ହାଇକୋର୍ଟ ଶୁଣାଣି କରି ପାରାଦୀପ ବନ୍ଦରରେ ଏମ୍‌ଟି ୟୁନିଟି (ଆଇଏମଓ ୯୩୮୮୭୯୨) ଜାହାଜକୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟ ପକ୍ଷରେ ଏ ସଂକ୍ରାନ୍ତୀୟ ମୂଳ ସାମୁଦ୍ରିକ ବିବାଦ ମାମଲାରେ ପ୍ରତିପକ୍ଷ ଏମଟି ୟୁନିଟି (ଆଇଏମଓ ୯୩୮୮୭୯୨) ଓ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରିଛନ୍ତି। ବିଚାରାଧୀନ ଏହି ମାମଲାର ଚୂଡାନ୍ତ ରାୟ ପ୍ରକାଶ ପର୍ଯ୍ୟନ୍ତ ଜାହାଜ ଏମ୍‌ଟି ୟୁନିଟି (ଆଇଏମଓ ୯୩୮୮୭୯୨) ସଂପର୍କିତ ଦେୟ ବାବଦ ଅର୍ଥକୁ ଆବେଦନକାରୀ ସଂସ୍ଥାର ଜମା ରାଶିରୁ ନକାଟିବାକୁ ପାରାଦୀପ ବନ୍ଦର ଟ୍ରଷ୍ଟକୁ ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନକାରୀ ସଂସ୍ଥାର ମୂଳ ଆବେଦନ ଓ ମଧ୍ୟବର୍ତ୍ତିକାଳୀନ ଦୁଇ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ୧୨କୁ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରାଯାଇଛି।

ମାମଲାର ବିବରଣୀରୁ ପ୍ରକାଶ ଯେ ୪୨ ଲକ୍ଷ ୮୩ହଜାର ୨୭୧ ଟଙ୍କା ଦାବି କରି ଜାହାଜ ବିରୋଧରେ ଆବେଦନକାରୀ ସଂସ୍ଥା ଏହି ମାମଲା ଦାୟର କରିଛନ୍ତି। ମୂଳ ସାମୁଦ୍ରିକ ବିବାଦ ମାମଲା ବିଚାରାଧୀନ ଥିବା ବେଳେ ଜାହାଜକୁ ଆରେଷ୍ଟ କରାଯାଉ ବୋଲି ଦର୍ଶାଇ ଆବେଦନକାରୀ ଅନ୍ତରୀଣ ଆବେଦନ ଦାୟର କରିଥିଲେ। ପ୍ରତିପକ୍ଷ ଜାହାଜଟି ଖୁବ୍‌ଶୀଘ୍ର ପାରାଦୀପ ବନ୍ଦର ଛାଡ଼ି ଚାଲିଯାଇ ପାରେ ବୋଲି ଆବେଦନକାରୀ ଦର୍ଶାଇଥିଲେ। ଯଦି ପାରାଦୀପ ବନ୍ଦରରୁ ଜାହାଜ ଅନ୍ୟତ୍ର ଚାଲିଯାଏ ତେବେ ଏହି ମାମଲା ଅପ୍ରାସଂଗିକ ହୋଇଯିବ ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଏହାପରେ ହାଇକୋର୍ଟ ଜାହାଜକୁ ପାରଦୀପ ବନ୍ଦରରେ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଛାତ୍ର ସଂସଦ ନିର୍ବାଚନକୁ ନେଇ କ୍ୟାମ୍ପସରେ ଛକାପଞ୍ଝା

# ଉତ୍କଳ, ବିଜେବି ପରେ ରାଜଧାନୀ କଲେଜରେ ଗୋଷ୍ଠୀସଂଘର୍ଷ : ଛାତ୍ର- ଅଣଛାତ୍ର ମୁହାଁମୁହିଁ

**ଭୁବନେଶ୍ୱର,୧୦/୦୯ ନ୍ୟୁଜ ବ୍ୟୁରୋ**

କାହା ନିୟନ୍ତ୍ରଣରେ ରହିବ ଶିକ୍ଷାନୁଷ୍ଠାନ? ବର୍ଷେ ଧରି କିଏ ରାଜୁତି କରିବ? କାହାର ପତିଆରା ବଢ଼ିବ, ଦବଦବା ଜାରି ରହିବ? ଏହାକୁ ନେଇ ଚାଲିଛି ଛକାପଞ୍ଝା। ଛାତ୍ର ସଂସଦ ନିର୍ବାଚନ ହେବ କି ନାହିଁ ତାହା ସ୍ପଷ୍ଟ ହୋଇନି। ହେଲେ ଏବେଠୁ କ୍ୟାମ୍ପସ ତାତିଲାଣି। କେଉଁ କ୍ୟାମ୍ପସରେ କାହା ଗୋଷ୍ଠୀର ଦବଦବା ଅଛି, ତାକୁ ନେଇ ବଳ କଷାକଷି ଆରମ୍ଭ ହେଲାଣି। ପ୍ରଥମେ ଉତ୍କଳ ବିଶ୍ୱବିଦ୍ୟାଳୟ, ପରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଆଉ ଏବେ ରାଜଧାନୀ କଲେଜ। ସବୁଠି ଛାତ୍ର ଓ ଅଣଛାତ୍ରଙ୍କ ମଧ୍ୟରେ ଚାଲିଛି ଖଣ୍ଡଯୁଦ୍ଧ। ପୂର୍ବରୁ ଶିକ୍ଷାନୁଷ୍ଠାନରୁ ପାଠ ପଢ଼ିଥିବା ଛାତ୍ରନେତା ନିଜର ଦବଦବା ଜାହିର କରିବାକୁ ଛାତ୍ରମାନଙ୍କୁ ମୋହରା ବନାଇଛନ୍ତି। ଯଦି କେହି ଛାତ୍ର ତାଙ୍କ କଥାରୁ ବାହାରିଯାଉଛନ୍ତି, ସେମାନଙ୍କୁ ସାବାଡ଼ କରିବା ପାଇଁ ଅଣଛାତ୍ରଙ୍କୁ ବ୍ୟବହାର କରାଯାଉଛି।

ରାଜଧାନୀ କଲେଜରେ ଛାତ୍ର ଓ ଅଣଛାତ୍ରଙ୍କ ମଧ୍ୟରେ ହାତାହାତି ହୋଇଛି। ଶତାଧିକ ଛାତ୍ର ଖଣ୍ଡଗିରି ଥାନାକୁ ଯାଇ ପୁଲିସର ସୁରକ୍ଷା ଲୋଡ଼ିଛନ୍ତି। ଜଣେ ଛାତ୍ର ଚନ୍ଦନ ସାହୁଙ୍କ ଅଭିଯୋଗ ଅନୁସାରେ, କଲେଜରେ ପାଠପଢ଼ା ଚାଲିଥିବା ବେଳେ କିଛି ଅଣଛାତ୍ର କ୍ୟାମ୍ପସ ଭିତରକୁ ପଶିଥିଲେ। ଚନ୍ଦନ ଓ ତାଙ୍କ ସାଙ୍ଗମାନେ ବସିଥିବା ବେଳେ ଅଣଛାତ୍ରମାନେ ତାଙ୍କୁ ଗାଳିଗୁଲଜ କରିଥିଲେ। ଉପସ୍ଥିତ ଛାତ୍ରମାନେ ତାଙ୍କୁ ବିରୋଧ କରିବାରୁ ଅଣଛାତ୍ରମାନେ ସଙ୍ଗେସଙ୍ଗେ ଖଣ୍ଡା, ହକି ଷ୍ଟିକରେ ଆକ୍ରମଣ ଉଦ୍ୟମ କରିଥିଲେ। ଫଳରେ ଦୁଇଗୋଷ୍ଠୀଙ୍କ ମଧ୍ୟରେ ଟକରାଟକରି ଆରମ୍ଭ ହୋଇଥିଲା। ଏହାଦେଖି ଅନ୍ୟ ଛାତ୍ରଛାତ୍ରୀମାନେ ଭୟଭୀତ ହୋଇ କ୍ଲାସରୁମ୍‌କୁ ଦୌଡ଼ି ପଳାଇଥିଲେ। ଅଧ୍ୟାପକ, ଅଧ୍ୟାପିକାମାନେ ମଧ୍ୟ ଡରିଯାଇଥିଲେ। କଲେଜ କର୍ତ୍ତୃପକ୍ଷଙ୍କ ଠାରୁ ଖବର ପାଇ ଖଣ୍ଡଗିରି ପୁଲିସ ସେଠାରେ ପହଞ୍ଚି ଦୁଇ ଅଣଛାତ୍ରଙ୍କୁ ଉଠାଇ ଆଣିଥିଲା। ଚନ୍ଦନ ଥାନାରେ ଏତଲା ଦେଇଛନ୍ତି। କଲେଜରେ ଶାନ୍ତିବଜାୟ ରଖିବାକୁ ପୁଲିସ ଓ କଲେଜ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଅନ୍ୟ ଛାତ୍ରଛାତ୍ରୀ ଦାବି କରିଛନ୍ତି।

ଗତ ମଙ୍ଗଳବାର ବିଜେବି କଲେଜରେ ଗଣ୍ଡଗୋଳ ହୋଇଥିଲା। ଆମ୍ବେଦକର ଛାତ୍ରାବାସ ନିକଟରେ ଜଣେ ଛାତ୍ରଙ୍କୁ ଅନ୍ୟ ଛାତ୍ରମାନେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୁଲିସ ପ୍ରାୟ ୪୦ଜଣ ଛାତ୍ରଙ୍କ ନାଁରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି। କ୍ୟାମ୍ପସରେ ପୁଲିସ ଫୋର୍ସ ମୁତୟନ ହୋଇଛି। ପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଅଣଛାତ୍ରଙ୍କ ପ୍ରବେଶକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏଭଳି ଘଟଣା ବାରମ୍ବାର ଘଟୁଥିବା ବେଳେ ଅଣଛାତ୍ରଙ୍କ ପ୍ରବେଶ ଉପରେ ରୋକ ଲଗାଯାଇପାରୁନି। ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଶିକ୍ଷାବିତ୍।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୧୦/୦୯/୨୦୨୬
୩,୪୩,୬୯୪/- ଟଙ୍କା
ସୁନା:- ୧୬ ଗ୍ରାମ୍ ୧୦୦ମିଲିଗ୍ରାମ
ରୂପା:- ୦୭ ଗ୍ରାମ୍ ୨୦୦ମିଲିଗ୍ରାମ




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା ରବିବାସରୀୟ କଳିକା ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭ ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ୧୪.୨୨ ଲକ୍ଷ ଟଙ୍କା ହେରଫେର ଅଭିଯୋଗରେ ପୂର୍ବତନ ପିଏସିଏସ୍ ସମ୍ପାଦକ ଗିରଫ

**ବଲାଙ୍ଗୀର ୧୦/୦୯ ନ୍ୟୁଜ ବ୍ୟୁରୋ**

ସମବାୟ ସମିତିର ଅର୍ଥ ହେରଫେର ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ବଡ଼ କାର୍ଯ୍ୟାନୁଷ୍ଠାନ। ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକ୍ ଅନ୍ତର୍ଗତ ଜୁବା ପ୍ରାଥମିକ କୃଷି ସମବାୟ ସମିତି (ପିଏସିଏସ୍) ଲିମିଟେଡ୍‌ର ପୂର୍ବତନ ସମ୍ପାଦକ ଚିନ୍ତାମଣି ମଲ୍ଲିକଙ୍କୁ ଭିଜିଲାନ୍ସ ଗିରଫ କରିଛି। ଭିଜିଲାନ୍ସର ତଦନ୍ତ ଅନୁଯାୟୀ, ସରକାରୀ ଓ ସମବାୟ ସମିତିର ମୋଟ ୧୪ ଲକ୍ଷ ୨୨ ହଜାର ୪୬ ଟଙ୍କା ହେରଫେର ହୋଇଛି। ୨୦୧୬-୧୭, ୨୦୨୦-୨୧, ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷରେ ଏହି ଆର୍ଥିକ ଅନିୟମିତତା ହୋଇଥିବା ତଦନ୍ତରୁ ଜଣାପଡ଼ିଛି। ବିହନ ବିକ୍ରିର ଅର୍ଥ ହିସାବରେ ଦର୍ଶାଯାଇନଥିବା, ବିହନ ବିକ୍ରିର ଅର୍ଥକୁ ସମିତିର ଅଧିକାରିକ ହିସାବ ବହିରେ ଉଲ୍ଲେଖ ନକରିବା, ଡେ ବୁକ୍‌ରେ ଜାଣିଶୁଣି କମ୍ କ୍ଲୋଜିଂ ବାଲାନ୍ସ ଦର୍ଶାଇବା ଭଳି ଅନିୟମିତତା ସାମ୍ନାକୁ ଆସିଛି। ଏହାଛଡ଼ା ଅର୍ଥ ଅଭାବକୁ ଲୁଚାଇବା ପାଇଁ ଜାଲ୍ ବ୍ୟାଙ୍କ ଜମା ଦର୍ଶାଇବା ଏବଂ ସଞ୍ଚୟ ବ୍ୟାଙ୍କ ଜମାରୁ ଅତିରିକ୍ତ ଅର୍ଥ ଉଠାଣ କରିବା ଭଳି ଅଭିଯୋଗ ମଧ୍ୟ ତଦନ୍ତରେ ଜଣାପଡ଼ିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଏହି ଅଭିଯୋଗରେ ଚିନ୍ତାମଣି ମଲ୍ଲିକଙ୍କ ବିରୋଧରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ମାମଲା ରୁଜୁ ହୋଇଛି। ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ମାମଲା ରୁଜୁ କରି ଭିଜିଲାନ୍ସ ପକ୍ଷରୁ ପରବର୍ତ୍ତୀ ଆଇନଗତ ପଦକ୍ଷେପ ଜାରି ରହିଛି।

# ଅପରେସନ୍ ଅନ୍ୱେଷଣ: ୧୭ ରାଜ୍ୟରୁ ୧୦୧ ଶିଶୁ ଉଦ୍ଧାର

**ଭୁବନେଶ୍ୱର, ୧୦/୦୯ ନ୍ୟୁଜ ବ୍ୟୁରୋ**

ଅନ୍ୟ ରାଜ୍ୟରେ ନିଖୋଜ ଓ ଚାଲାଣ ହୋଇଥିବା ଓଡ଼ିଆ ଶିଶୁଙ୍କୁ ଠାବ କରି ଉଦ୍ଧାର କରିବାକୁ ଓଡ଼ିଶା ପୋଲିସ ପକ୍ଷରୁ ଚାଲିଥିବା ଅଭିଯାନ (ଅପରେସନ୍ ଅନ୍ୱେଷଣ)କୁ ବଡ ସଫଳତା ମିଳିଛି। କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ପକ୍ଷରୁ ହୋଇଥିବା ଏହି ଅଭିଯାନରେ ମୋଟ୍ ୧୦୧ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ଏହା ମଧ୍ୟରୁ ୫୪ ଜଣ ପୁଅ ଓ ୪୭ ଜଣ ଝିଅ ରହିଛନ୍ତି। ଏନେଇ କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ଏଡିଜି ଏସ୍. ସାଇନି ଗୁରୁବାର ସାମ୍ବାଦିକ ସମ୍ମିଳନୀ ଜରିଆରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଛତିଶଗଡ, ଗୁଜରାଟ, ହରିୟାଣା, ଝାଡ଼ଖଣ୍ଡ, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଦିଲ୍ଲୀ, ରାଜସ୍ଥାନ, ତାମିଲନାଡୁ,



ତେଲେଙ୍ଗାନା, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗରୁ ଶିଶୁମାନଙ୍କୁ ଉଦ୍ଧାର କରାଯାଇଛି। ଏଡିଜି ଏସ. ସାଇନିଙ୍କ ସୂଚନା ଅନୁସାରେ, ଉଦ୍ଧାର ହୋଇଥିବା ଶିଶୁଙ୍କ ମଧ୍ୟରୁ ୮୩ ଜଣଙ୍କୁ (୪୬ ପୁଅ ଓ ୩୭ ଝିଅ) ଶିଶୁ ଯତ୍ନ ଅନୁଷ୍ଠାନରେ ଠାବ କରାଯାଇଥିଲା। ସେହିପରି ୭ ଜଣ ଶିଶୁ (୬ ପୁଅ ଓ ଜଣେ ଝିଅ) ଶ୍ରମ ସ୍ଥଳରୁ ଠାବ କରାଯାଇଛି। ଏଥିସହ ଉଦ୍ଧାର ହୋଇଥିବା ୧୧ଜଣ ଶିଶୁ (୨ ପୁଅ ଓ ୯ ଝିଅ) ରାଜ୍ୟରେ ନିଖୋଜ ସଂକ୍ରାନ୍ତରେ ରିପୋର୍ଟ ହେବା ସହ ମାମଲା ରୁଜୁ କରାଯାଇଥିଲା। ତେବେ ସର୍ବାଧିକ ୩୦ ଶିଶୁ ପଶ୍ଚିମବଙ୍ଗରୁ ଉଦ୍ଧାର କରାଯାଇଛି। ସେହିପରି ୧୧ ଜଣ କର୍ଣ୍ଣାଟକରୁ, ଝାଡ଼ଖଣ୍ଡରୁ ୧୦, ତାମିଲନାଡୁରୁ ୧୦ ଜଣ ଶିଶୁ ଉଦ୍ଧାର କରାଯାଇଛି। ଉଦ୍ଧାର ଶିଶୁଙ୍କୁ ସେମାନଙ୍କ ପରିବାର ସହ ପୁଣି ଏକାଠି କରିବାକୁ ଆବଶ୍ୟକ ପଦକ୍ଷେପ ନିଆଯାଇଛି ବୋଲି ଏଡିଜି ସାଇନି କହିଛନ୍ତି।

ଏହି ଅଭିଯାନରେ ଓଡ଼ିଶା ପୋଲିସର ପ୍ରୟାସକୁ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ସଚିବ ମୃଣାଳିନୀ ଦର୍ସୱାଲ ସକ୍ରିୟ ଭାବେ ସମର୍ଥନ ଯୋଗାଇଛନ୍ତି। ରାଜ୍ୟର ବାହାରେ ନିଖୋଜ ଶିଶୁମାନଙ୍କୁ ଚିହ୍ନଟ ଓ ଉଦ୍ଧାର କରିବାରେ ଓଡ଼ିଶା ପୋଲିସ କର୍ମଚାରୀ, ରେଞ୍ଜ ଟିମ୍, ଜିଲ୍ଲା ପୋଲିସ ଏବଂ ସମ୍ପୃକ୍ତ ସମସ୍ତ ଅଂଶୀଦାରଙ୍କ ନିରନ୍ତର ପ୍ରୟାସର ଏହି ସଫଳତା ଏକ ପ୍ରତିଫଳନ ବୋଲି ପ୍ରେସ ରିଲିଜ ଜରିଆରେ କୁହାଯାଇଛି। ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୮ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିଥିଲା। ଦେଶର ୧୭ଟି ରାଜ୍ୟକୁ ଓଡ଼ିଶାରୁ ୧୭ଟି ସ୍ୱତନ୍ତ୍ର ପୋଲିସ ଟିମ୍ ଯାଇଥିଲା। ପ୍ରତ୍ୟେକ ପୋଲିସ ରେଞ୍ଜ ଅଧୀନରେ ୨ଟି ଲେଖାଏଁ ଟିମ୍ ଗଠନ କରାଯାଇଥିଲା। ପ୍ରତି ଟିମ୍‌ରେ ୫ ଜଣ ପୋଲିସ କର୍ମଚାରୀଙ୍କ ସହ ମହିଳା ଓ ଶିଶୁ ବିକାଶ ବିଭାଗର ଜଣେ ଆଇନ୍ ଓ ପ୍ରୋବେସନ୍ ଅଧିକାରୀ ରହିଥିଲେ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭ ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com